CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୦ ◆ ଭୁବନେଶ୍ୱର ◆ ସୋମବାର ◆ ମେ ୨୫ରୁ ମେ ୩୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-40 ◆ Bhubaneswar ◆ Monday ◆ May 25 to May 31, 2026 ◆ Page-8 ◆ Price Rs.4.00

## ଆତ୍ମଘାତୀ ବିସ୍ଫୋରଣରେ ୨୪ ମୃତ

କ୍ୱେଟା,(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟାରେ ଆତ୍ମଘାତୀ ବିସ୍ଫୋରଣରେ ୨୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। କ୍ୱେଟାରେ ଚମନ ଫାଟକ ରେଳ ଷ୍ଟେସନ ନିକଟରେ ପାକିସ୍ତାନ ସେନାର ଯବାନଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌କୁ ଲକ୍ଷ୍ୟ କରି ଏହି ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଟ୍ରେନ୍‌ଟି ଚମନ ଫାଟକ ରେଳ ଷ୍ଟେସନ ଅତିକ୍ରମ କରୁଥିବା ବେଳେ ଏକ ବିସ୍ଫୋରକ ଭର୍ତ୍ତି କାର ଏହାର ଏକ ବଗିକୁ ଧକ୍କା ଦେଇଥିଲା। ଏହି ବିସ୍ଫୋରଣରେ ଟ୍ରେନ୍‌ର ଉକ୍ତ ବଗିଟି ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବିସ୍ଫୋରଣ ପରେ ତାହା ଓଲଟି ପଡ଼ିଥିଲା ଓ ସେଥିରେ ନିଆଁ ଲାଗି ଯାଇଥିଲା। ଏହା ସହିତ ଟ୍ରେନ୍‌ର ଆଉ ଦୁଇଟି ବଗି ଆଂଶିକ ପ୍ରଭାବିତ ହୋଇଛନ୍ତି। ଏହି ବିସ୍ଫୋରଣ ସମୟରେ ରେଳ ଧାରଣାଠାରୁ ପ୍ରାୟ ୨୫ ମିଟର ଦୂରରେ ପାର୍କିଂ ହୋଇଥିବା ଗାଡ଼ିଗୁଡ଼ିକ ମଧ୍ୟରୁ ଅଧିକାଂଶ ଜଳିଯାଇଛି। ୧୦ରୁ ଅଧିକ କାର ଜଳି ଯାଇଥିବା ଜଣାପଡ଼ିଛି। ବିସ୍ଫୋରଣର ପ୍ରଭାବରେ ପାଖରେ ଥିବା କିଛି କୋଠା କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଟ୍ରେନ୍‌ରେ ପାକିସ୍ତାନ ସେନାର ଯବାନଙ୍କ ସହିତ ସେମାନଙ୍କ ପରିବାର ଲୋକେ ଥିଲେ। ଟ୍ରେନ୍‌ଟି କ୍ୱେଟାରୁ ପେଶାୱର ଅଭିମୁଖେ ଯାଉଥିଲା। ଇଦ୍ ଛୁଟି ପାଇଁ ଯବାନମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଧରି ଏହି ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା।

## ଦୁଇ ଶିଳ୍ପ ସଂସ୍ଥା ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# 'ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦିଅ'

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ କାରଖାନାର କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ।

କର୍ମଚାରୀମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଞ୍ଚଳରେ ଶ୍ରମିକ ତଥା କର୍ମଚାରୀମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ। ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ। ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ି ଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋଝୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ। ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ। ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ। ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି।

ସୂଚନା ଯୋଗ୍ୟ ଯେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱ ସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା ଏପିକ୍ ଗ୍ରୁପର ଏକ କମ୍ପାନୀ। ଟ୍ରାଇମେଟ୍ରୋ ପ୍ରଥମ ଥର ପାଇଁ ଭାରତରେ ତାର ଉତ୍ପାଦନ ଆରମ୍ଭ କରିଛି। ଏହି କମ୍ପାନୀ ପାଇଁ ୨୦୨୫ ଏପ୍ରିଲ୍ ୩ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ମାତ୍ର ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ଉଦଘାଟନ କରାଯାଇ ଉତ୍ପାଦନ ଆରମ୍ଭ ହୋଇଛି। ଖୋର୍ଦ୍ଧାରେ ସ୍ଥାପିତ ଏହି ପ୍ଲାଣ୍ଟ ୩୭୬ କୋଟି ଟଙ୍କାରେ ସ୍ଥାପିତ ହୋଇଛି। ଏହାଦ୍ୱାରା ପ୍ରାୟ ୭୦୦୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏଥିରୁ ଅଧିକାଂଶ ହେଉଛନ୍ତି ମହିଳା। ଏହି କମ୍ପାନୀ ବିଶ୍ୱ ସ୍ତରୀୟ ଫେସନ ବ୍ରାଣ୍ଡ ୟୁନିକଲୋ ପାଇଁ ଉତ୍ପାଦନ କରୁଛି। ଏହାଦ୍ୱାରା ବିଶ୍ୱ ଫେସନ ମ୍ୟାପରେ ଓଡ଼ିଶା ସ୍ଥାନ ପାଇ ପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନାଡ୍ରୋନ୍ ସିଷ୍ଟମ୍ସ ପ୍ରାଇଭେଟ ଲିମିଟେଡର ସିଇଓ ଅନନ୍ତ ଭାଲୋଟିଆଙ୍କ ସହ ଆଲୋଚନା କରି ଅପରେସନ୍ 'ସିନ୍ଦୂର'ରେ ଡ୍ରୋନ୍ ଟେକ୍ନୋଲୋଜୀର ସଫଳ ବ୍ୟବହାର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଡ୍ରୋନ୍ ଟେକ୍ନୋଲୋଜୀ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କମ୍ପାନୀର କର୍ମଚାରୀମାନଙ୍କ ସହ ଆଲୋଚନା କରି କହିଥିଲେ ଯେ, ସେମାନଙ୍କର ଉନ୍ନତ ବୈଷୟିକ ଦକ୍ଷତା ଦେଶର ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି ଏବଂ ସେମାନେ ଦେଶକୁ ସୁରକ୍ଷିତ ରଖିବାରେ ବିଶେଷ ଭୂମିକା ରଖୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସଫଳତା ଓଡ଼ିଶା ପାଇଁ ମଧ୍ୟ ଗୌରବାନ୍ୱିତ। ମୁଖ୍ୟମନ୍ତ୍ରୀ ଏହି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ ଦେଖିଥିଲେ। ଭବିଷ୍ୟତରେ ଏହି ସବୁ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କିଭ୍ ଉପରେ ରୁଷର ଭୟଙ୍କର ଆକ୍ରମଣ

କିଭ୍,(ଏଜେନ୍ସି): ରୁଷ ୟୁକ୍ରେନ୍‌ର ରାଜଧାନୀ କିଭ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ବଡ଼ ଧରଣର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣରେ ରୁଷ୍ ପକ୍ଷରୁ ୫୦ ମିସାଇଲ୍ ଏବଂ ୭୦୦ ଡ୍ରୋନ୍ ମାଡ଼ କରାଯାଇଛି। ଆକ୍ରମଣରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ୟୁକ୍ରେନ୍ ଆକ୍ରମଣର ଏହା ଜବାବୀ ଆକ୍ରମଣ ବୋଲି ରୁଷ ପକ୍ଷରୁ କୁହାଯାଇଛି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ଏହି ଆକ୍ରମଣରେ ଓରେଶନିକ୍ ହାଇପରସୋନିକ୍ ମିସାଇଲ୍‌ର ମଧ୍ୟ ବ୍ୟବହାର କରାଯାଇଛି। ଏହି ମିସାଇଲ୍ ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ଗତ ଏକବର୍ଷ ମଧ୍ୟରେ ୟୁକ୍ରେନ୍ ଉପରେ ଏହା ସବୁଠୁ ବଡ଼ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ସ୍ଥାନୀୟ ମିଡିଆ ଅନୁସାରେ ରାତି ଗୋଟାଏରୁ ଭୋର୍ ୫ ପର୍ଯ୍ୟନ୍ତ ଲଗାତାର ଜୋରଦାର ଧମାକା ଶବ୍ଦ ଶୁଣିବାକୁ ମିଳିଥିଲା। ଆକ୍ରମଣ ବେଳେ ପୂରା ୟୁକ୍ରେନ୍‌ରେ ଏୟାର୍ ରେଡ୍ ଆଲର୍ଟ ଜାରି କରାଯାଇଥିଲା। ୟୁକ୍ରେନ୍ ବାୟୁସେନା ଅନୁସାରେ ରୁଷ ରାତି ସାରା ୬୦୦ ଡ୍ରୋନ୍ ଏବଂ ୯୦ ମିସାଇଲ୍ ମାଡ଼ କରିଥିଲା। ଏୟାର୍ ଡିଫେନ୍ସ ସିଷ୍ଟମ୍ ଏହା ମଧ୍ୟରୁ ୬୦୪ ମିସାଇଲ୍ ଓ ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ବିଦେଶ ମନ୍ତ୍ରୀ ଆନ୍ଦ୍ରୀ ସିବିହା ଏହାକୁ ରାଜଧାନୀ ଉପରେ ହୋଇଥିବା ସବୁଠୁ ବଡ଼ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି କହିଛନ୍ତି। ସେ କହିଛନ୍ତି, ଓରେଶ୍‌ନିକ୍ ମିସାଇଲ୍‌ରେ ଡମି ୱାର୍‌ହେଡ୍ ଲଗାଯାଇଥିଲା।

କିଭ୍ ମେୟର୍ ବିତାଲୀ କ୍ଲିଟ୍‌ସ୍କୋ କହିଛନ୍ତି, ରୁଷର ଏହି ଆକ୍ରମଣରେ ସହରର ପ୍ରାୟ ସମସ୍ତ ଅଞ୍ଚଳରେ କ୍ଷୟକ୍ଷତି ଘଟିଛି। କେତେକ ଆବାସୀୟ ବିଲ୍ଡିଂ, ଘର, ସୁପର୍ ମାର୍କେଟ୍, ସପିଙ୍ଗ୍ ସେଣ୍ଟର୍, ଅଫିସ୍, ଗୋଦାମ ଏବଂ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। କେତେକ ବିଲ୍ଡିଂ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ମଧ୍ୟ ହୋଇଯାଇଛି। ରିପୋର୍ଟ ଅନୁସାରେ ରାଜଧାନୀର ବହୁ ଅଞ୍ଚଳରେ ନିଆଁ ଲାଗିଯାଇଥିବା ବେଳେ ରିଲିଫ୍ ଓ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଆକ୍ରମଣ ପରେ ନିଜ ନିଜର ଆକାଶ କ୍ଷେତ୍ରର ସୁରକ୍ଷା ପାଇଁ ପୋଲାଣ୍ଡ ନିଜ ଯୁଦ୍ଧ ବିମାନକୁ ଆଲର୍ଟରେ ରଖିଥିବା ବେଳେ ସହଯୋଗୀ ଦେଶଗୁଡ଼ିକୁ ଆଲର୍ଟ ରହିବାକୁ କହିଛି।

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କି ଅଭିଯୋଗ କରିଛନ୍ତି ଯେ ରୁଷ ଜାଣିଶୁଣି ଜନବସତି ଅଞ୍ଚଳକୁ ଟାର୍ଗେଟ୍ କରୁଛି। ସେ ଟେଲିଗ୍ରାମରେ ଲେଖିଛନ୍ତି ରୁଷ ଆକ୍ରମଣରେ ପାଣି ସପ୍ଲାଇ କରୁଥିବା ଏକ ଫାସିଲିଟିର ବହୁଳ କ୍ଷତି ହୋଇଛି, ଗୋଟିଏ ବଜାର ଜଳି ଯାଇଥିବା ବେଳେ କେତେକ ଘର ଓ ସ୍କୁଲ୍ ଉପରକୁ ଟାର୍ଗେଟ୍ କରାଯାଇଛି। ରୁଷ ପାଗଳ ହୋଇଯାଇଥିବା ଜେଲେନ୍‌ସ୍କି କହିଛନ୍ତି। ରୁଷର ରାତି ସାରା ଏହି ଆକ୍ରମଣକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ନିନ୍ଦା କରିଛନ୍ତି।

CMYK

ଜାତୀୟ ଚେତନା
JATIYA CHETANA



# ଫାଲ୍‌ଟାରେ ବିଜେପିର ରେକର୍ଡ ବିଜୟ

## ୧.୦୯ ଲକ୍ଷ ଭୋଟ୍‌ରେ ଜିତିଲେ ଦେବାଂଶ, ବିଜେପିର ବିଧାୟକଙ୍କ ସଂଖ୍ୟା ୨୦୮କୁ ବୃଦ୍ଧି



କୋଲକାତା,(ଏଜେନ୍ସି): ପଶ୍ଚିମବଙ୍ଗର ଫାଲଟା ବିଧାନସଭା ଆସନର ହୋଇଥିବା ପୁନଃମତଦାନରେ ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ବିପୁଳ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧.୦୯ ଲକ୍ଷ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟପଟେ ପୁନଃମତଦାନରୁ ଓହରି ଯାଇଥିବା ତୃଣମୂଳ କଂଗ୍ରେସ (ଟିଏମସି)ର ଜାହାଙ୍ଗୀର ଖାନ୍ ଚତୁର୍ଥ ସ୍ଥାନରେ ରହିଛନ୍ତି।ଦେବାଂଶୁ ପଣ୍ଡାଙ୍କୁ ୧,୪୯,୬୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସିପିଆଇ(ଏମ)ର ଶମ୍ଭୁନାଥ କୁର୍ମୀ ୪୦,୬୪୫ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶ୍ରୀ ପଣ୍ଡା ୧ ଲକ୍ଷ ୯ ହଜାର ୨୧ ଖଣ୍ଡ ଭୋଟ୍‌ରେ ଶମ୍ଭୁନାଥଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଅଦ୍ଧୁର ରଜାକ ମୋଲ୍ଲା ୧୦,୦୮୪ ଭୋଟ୍ ସହ ତୃତୀୟ ସ୍ଥାନରେ ରହିଛନ୍ତି।ପୁନଃମତଦାନର ମାତ୍ର କିଛି ଦିନ ପୂର୍ବରୁ ଜାହାଙ୍ଗୀର ଖାନ୍ ଘୋଷଣା କରିଥିଲେ ଯେ ସେ ଏହି ପ୍ରତିଦ୍ୱନ୍ଦ୍ୱିତାରେ ସାମିଲ ହେବେ ନାହିଁ, ଯାହାକୁ ଟିଏମସି ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି କରିଥିଲା। ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯାଇଥିବା ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ୍ ୭,୭୮୩ ଭୋଟ୍ ପାଇଛନ୍ତି। ଗତ ଏପ୍ରିଲ ୨୯ ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଏହି ଆସନରେ ଇଭିଏମ୍ ଟାମ୍ପରିଂ ଏବଂ ଅନିୟମିତତା ଅଭିଯୋଗ ପରେ ମତଦାନକୁ ବାତିଲ କରାଯାଇଥିଲା। ଏହାପରେ ମେ’ ୨୧ ରେ ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ୨୮୫ଟି ବୁଥ୍‌ରେ ପୁନଃମତଦାନ କରାଯାଇଥିଲା। ଫାଲଟାରେ ବାଜି ମାରିବା ସହିତ ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ବିଜେପିର ବିଧାୟକଙ୍କ ସଂଖ୍ୟା ୨୦୮କୁ ବୃଦ୍ଧି ପାଇଛି।

# ବ୍ରିଟେନ୍‌ରେ ଇତିହାସ ରଚିଲେ ହରିଆଣାର ପରିବାର, ମା’ ଓ ପୁଅ ହେଲେ ମେୟର୍

ନୂଆଦିଲ୍ଲୀ,(ଏଜେନ୍ସି): ବ୍ରିଟେନ୍‌ରେ ଭାରତୀୟ ବଂଶୋଭବ ଏକ ପରିବାର ଇତିହାସ ରଚିଛି। ହରିଆଣା ସହ ଜଡ଼ିତ ଏହି ପରିବାର ମା’ ଓ ପୁଅ ଏକା ସମୟରେ ଅଲଗା ଅଲଗା ସହରର ମେୟର୍ ହୋଇଛନ୍ତି। ପୁଅ ତୁଷାର ମେ’ ୧୩ରେ ଏଲ୍‌ଷ୍ଟ୍ରୀ ଏବଂ ବୋରହାମ୍‌ଉଡ୍ ଟାଉନ୍ କାଉନ୍‌ସିଲ୍‌ର ସର୍ବକନିଷ୍ଠ ମେୟର୍ ହୋଇଥିବା ବେଳେ ତାଙ୍କ ମା’ ପରବୀନ ରାଣୀ ଦାୟିୟା ମେ’ ୨୦ ତାରିଖରେ ହର୍ଟସମେୟର ବରୋ କାଉନ୍‌ସିଲ୍‌ର ପ୍ରଥମ ଭାରତୀୟ ବଂଶୋଭବ ମେୟର ନିର୍ବାଚିତ ହୋଇଛନ୍ତି। ପରିବାର ପୈତୃକ ଗ୍ରାମ ହରିଆଣାର ସୋନିପତ ଜିଲ୍ଲା ଅନ୍ତର୍ଗତ ଖରଖୌଦା ଅଞ୍ଚଳରେ। ତେବେ ପରିବାର ଦୀର୍ଘଦିନ ଧରି ରୋହତକରେ ରହୁଥିଲେ ଏବଂ ୨୦୧୩ରେ ବ୍ରିଟେନ୍ ଯାଇ ଏବେ ସେଠାରେ ବସବାସ କରୁଛନ୍ତି। ତୁଷାରଙ୍କ ପିତା ସୁନୀଲ୍ ଦାହିୟା କହିଛନ୍ତି, ଯେବେ ସେ ପତ୍ନୀ ଓ ଦୁଇ ସନ୍ତାନଙ୍କ ସହ ବ୍ରିଟେନ୍ ପହଞ୍ଚିଥିଲେ କେବେ ବି ଭାବିନଥିଲେ ଯେ ତାଙ୍କ ପରିବାରକୁ ଏତେ ବଡ଼ ପରିଚୟ ମିଳିବ। ସେ କହିଛନ୍ତି, ୨୦୧୩ରେ ବ୍ରିଟେନ୍ ଆସିବା ବେଳେ ତୁଷାରଙ୍କ ବୟସ ୧୦ ବର୍ଷ ହୋଇଥିଲା। ଆଜି ଭାରତୀୟ ବଂଶୋଭବ ମା’ ଓ ପୁଅ ଦୁହେଁ ଏକାସାଙ୍ଗରେ ମେୟର୍ ହେବା ଆମ ପାଇଁ ଗର୍ବର ବିଷୟ।

# ନଦୀରେ ଭାସି ୮ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ନଦୀରୁ ଶାମୁକା ସଂଗ୍ରହ କରୁଥିବା ବେଳେ ହଠାତ ଜଳସ୍ତର ବଢିଯିବାରୁ ଭାସିଯାଇ ୮ଜଣ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ଏହା ସହିତ ଜଣେ ପୁରୁଷ ଓ ମହିଳା ନିଖୋଜ ଥିବା ଜଣାପଡ଼ିଛି। ଏପରି ଏକ ଅଭାବନୀୟ ଘଟଣା କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରେ ଘଟିଛି। ମୋଟ୍ ୧୪ ଜଣ ଲୋକ ଭେଙ୍କଟପୁରା ନଦୀରେ ଶାମୁକା ସଂଗ୍ରହ କରୁଥିବା ସମୟରେ ଅଚାନକ ନଦୀରେ ଜଳସ୍ତର ବଢିବାକୁ ଲାଗିଥିଲା। ଫଳରେ ନଦୀରେ ଥିବା ଲୋକେ ନିଜକୁ ରକ୍ଷା କରିବା ପାଇଁ ସୁଯୋଗ ପାଇପାରିନଥିଲେ। ସେମାନେ ନଦୀର ବର୍ଦ୍ଧିତ ପାଣିରେ ଭାସିଯାଇଥିଲେ। ଏହି ଅଭାବନୀୟ ଘଟଣାରୁ ୩ ମହିଳା ଓ ଜଣେ ପୁରୁଷ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭଟକାଲ ଗ୍ରାମୀଣ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ଶରୀର ସ୍ଥାନୀୟ ଭଟକାଲ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି । ସେଠାରେ ସମସ୍ତ ମୃତକଙ୍କ ବ୍ୟବଚ୍ଛେଦ କରାଯିବ। ନଦୀରେ ନିଖୋଜ ଥିବା ଅନ୍ୟ ବ୍ୟକ୍ତିଙ୍କୁ ଉଦ୍ଧାର ପାଇଁ ଜୋରଦାର ଅପରେସନ ଚାଲୁ ରହିଛି।

# ଆର୍‌ବିଆଇ ଟ୍ରେଜେରୀରୁ ୮.୭ କୋଟି ଚୋରି

ଅହମଦାବାଦ,(ଏଜେନ୍ସି): ଅହମଦାବାଦରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କରେନ୍ସି ଚେଷ୍ଟ୍ (ଟ୍ରେଜେରୀ)ରୁ ୮.୭୦ କୋଟି ଟଙ୍କା ଚୋରିର ପ୍ରାୟ ୪ ମାସ ପରେ ପର୍ଦ୍ଦାଫାସ୍ ହୋଇଛି। ପୁଲିସ ଚୋରି କରିବା ଏବଂ ସେହି ଅର୍ଥ ପ୍ରପର୍ଟି-କ୍ରିପ୍ଟୋକରେନ୍ସିରେ ଲଗାଇବା ଅଭିଯୋଗରେ ବ୍ୟାଙ୍କ୍ ଅଫ୍ ବରୋଦାର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ପୁଲିସ୍ ଅନୁସାରେ ଅଭିଯୁକ୍ତ ହର୍ଷିଦ୍ଦ କାଡ଼ିୟାର୍ ବ୍ୟାଙ୍କ ଅଫ୍ ବରୋଦାର ଗାନ୍ଧୀ ରୋଡ଼ ଶାଖାରେ ଜୁନିୟର୍ ଜଏଣ୍ଟ୍ କଷ୍ଟୋଡିଆନ୍ ଥିଲେ। ଏହି ଶାଖାରେ ଆର୍‌ବିଆଇର କରେନ୍ସି ଚେଷ୍ଟ ମଧ୍ୟ ରହିଛି। ଜାନୁଆର ୧୩ ତାରିଖରେ ଅଭିଯୁକ୍ତ ଦୁଇଜଣ ଶ୍ରମିକଙ୍କ ସହିତ ମିଶି ଲୁହା ବାକ୍ସରେ କ୍ୟାଶ୍ ଭରି ବ୍ୟାଙ୍କରୁ ବାହାରିଥିଲେ। ପୁଲିସ୍ ଅଭିଯୁକ୍ତଙ୍କ କାର୍ ଡିକିରୁ ୨.୨ କୋଟି ଟଙ୍କା କ୍ୟାଶ୍ ଜବତ କରିଛି। ଜେରା ବେଳେ ଅଭିଯୁକ୍ତ ଚୋରି କରିଥିବା ମାନିଥିବା ବେଳେ ଚୋରି ଅର୍ଥରେ ଗୋଟିଏ ବଙ୍ଗଳା, ଗୋଟିଏ କମର୍ସିଆଲ୍ ଗାଡ଼ି ଏବଂ ଅହମଦାବାଦରେ ଦୋକାନ କିଣିଥିବା କହିଛି। ସେହିପରି ସେ ଜଣେ ମହିଳା ସହକର୍ମୀଙ୍କୁ ଘର କିଣିବା ପାଇଁ ୨୩ ଲକ୍ଷ ଟଙ୍କା ଏବଂ ନଗଦ ୫ ଲକ୍ଷ ଟଙ୍କା ମଧ୍ୟ ଦେଇଛି। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି, ଅଭିଯୁକ୍ତ ଚୋରି ଅର୍ଥର ଏକ ଅଂଶ କ୍ରିପ୍ଟୋକରେନ୍ସି ମାର୍କେଟ୍‌ରେ ନିବେଶ କରିଥିଲା। ପୁଲିସ୍ ଅନୁସାରେ ଆର୍‌ବିଆଇର ନିରୀକ୍ଷଣ ପୂର୍ବରୁ ହୋଇଥିବା ନିୟମିତ ଯାଞ୍ଚ୍ ବେଳେ କରେନ୍ସି ଚେଷ୍ଟ୍‌ର ନୂଆ ପ୍ରଭାରୀ ନୋଟ୍ ସଂଖ୍ୟା କମ୍ ଥିବା ଦେଖିବାକୁ ପାଇବା ପରେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ଏହାପରେ ସିସିଟିଭି ଯାଞ୍ଚରେ ମାମଲା ସାମ୍ନାକୁ ଆସିଥିଲା। ଜାନୁଆର ୧୩ ତାରିଖ ରାତି ୯.୧୨ ବେଳେ ଅଭିଯୁକ୍ତ କର୍ମଚାରୀ ଓ ଦୁଇଜଣ ଶ୍ରମିକ ବାକ୍ସରେ ଭର୍ତ୍ତିକରି କ୍ୟାଶ୍ ନେଉଥିବା ଦେଖିବାକୁ ମିଳିଥିଲା।

# ଫିଲିପାଇନ୍ସରେ ଭୁଶୁଡ଼ିଲା ନିର୍ମାଣାଧୀନ ୯ ମହଲା ବିଲ୍ଡିଂ

ମାନିଲା,(ଏଜେନ୍ସି): ଫିଲିପାଇନ୍ସ ରାଜଧାନୀ ମାନିଲାର ଉତ୍ତରରେ ଅବସ୍ଥିତ ଏଞ୍ଜେଲିସ୍ ସହରରେ ନିର୍ମାଣାଧୀନ ୯ ମହଲା ବିଲ୍‌ଡିଂ ରବିବାର ସକାଳେ ଅଚାନକ ଭୁଶୁଡ଼ି ପଡ଼ିଛି। ଭୋର୍ ସମୟରେ ଅଞ୍ଚଳରେ ଜୋର୍ ପବନ ଏବଂ ବର୍ଷା ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ପୁଲିସ୍ ଅନୁସାରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବିଲ୍ଡିଂରେ କାମ କରୁଥିବା ୨୨ ଜଣ ଶ୍ରମିକ କୌଣସି ପ୍ରକାରେ ବାହାରି ଆସିବାରେ ସଫଳ ହୋଇଛନ୍ତି। କିନ୍ତୁ ଅନ୍ୟ କେତେକ ଶ୍ରମିକ ଏବେ ବି ଧ୍ୱଂସାବଶେଷ ତଳେ ଚାପି ହୋଇ



ରହିଥିବା ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ ୧୦୦ରୁ ଊର୍ଦ୍ଧ୍ୱ ପୁଲିସ୍ ଏବଂ ସରକାରୀ କର୍ମଚାରୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଉଦ୍ଧାରକାରୀ ଟିମ୍ ଧ୍ୱଂସାବଶେଷ ତଳେ ଚାପିହୋଇ ରହିଥିବା ଲୋକଙ୍କ ଉଦ୍ଧାର କରିଛନ୍ତି। ତେବେ କେତେ ଶ୍ରମିକ ନିଖୋଜ ଅଛନ୍ତି ତାହା ସ୍ପଷ୍ଟ ହୋଇ ନଥିବା ବେଳେ ପୂରା ଅଞ୍ଚଳକୁ ଘେରାଉ କରି ଅଧିକାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

# ୫୧ ହଜାର ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ, ନିଯୁକ୍ତି ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ‘ନାଗରିକ ଦେବୋ ଭବଃ‘ (ନାଗରିକ ହିଁ ଭଗବାନ) ମନ୍ତ୍ର ପ୍ରଦାନ କରିଥିଲେ। ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ ‘ନାଗରିକ କଲ୍ୟାଣ’ (ଜନସାଧାରଣଙ୍କ ସେବା) ରହିବା ଉଚିତ୍। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ।

ଏହାଛଡ଼ା ମୋଦୀ ନିଜ ସମ୍ବୋଧନରେ କହିଥିଲେ ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ପ୍ରତିଶ୍ରୁତି ଆଧାରରେ ଦେଶ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଛି। ଏହା ଯୁବପିଢ଼ିଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଭବିଷ୍ୟତରେ, ଭାରତର ୧୦ଟି ବୃହତ୍ତମ ସେମିକଣ୍ଡକ୍ଟର ୟୁନିଟ୍ ବିଶ୍ୱସ୍ତରରେ ନିଜର ଛାପ ସୃଷ୍ଟି କରିବ। ଏହା ବହୁ ସଂଖ୍ୟକ ଭାରତୀୟ ଯୁବବର୍ଗଙ୍କ ପ୍ରତିଭାକୁ ଉପଯୋଗ କରିବ। ସ୍ୱାଭାବିକ ଭାବରେ ଏହା ନିଯୁକ୍ତି ସୃଷ୍ଟି କରିବ। ସମ୍ପ୍ରତି ଭାରତ ଜାହାଜ ନିର୍ମାଣ ଠାରୁ ଆରମ୍ଭ କରି ଜାହାଜ ମରାମତି ଏବଂ ଓଭରହାଲିଂ ପର୍ଯ୍ୟନ୍ତ



ଏକ ଇକୋସିଷ୍ଟମ ସୃଷ୍ଟି କରୁଛି। ଭାରତ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ନିର୍ମାତା। ଭାରତର ସରକାରୀ ଏବଂ ବେସରକାରୀ କ୍ଷେତ୍ର ମିଳିତ ଭାବରେ ଏପରି ଅନେକ ପଦକ୍ଷେପରେ ବ୍ୟାପକ ନିବେଶ କରୁଛନ୍ତି। ଏହି ନିବେଶ ଏଠାରେ ଦେଶର ଯୁବବର୍ଗମାନଙ୍କୁ ନିଯୁକ୍ତି ପ୍ରଦାନ କରୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରୁଛି।

ସେହିପରି ମୋଦୀ କହିଥିଲେ ଯେ ଆଜି ଭାରତର ଯୁବପିଢ଼ିଙ୍କ ପାଖରେ ଯେଉଁ ପ୍ରକାରର ସୁଯୋଗ ଅଛି ତାହା ଅନ୍ୟ କୌଣସି ସୁଯୋଗଠାରୁ ଭିନ୍ନ। ଏସବୁ ବହୁତ ଦ୍ରୁତ ଗତିରେ ଘଟୁଛି। ବିଭିନ୍ନ କ୍ଷେତ୍ରରେ ଅଗଣିତ ସୁଯୋଗ ଆମ ପାଇଁ ଅପେକ୍ଷା କରିଛି। ଆମର ପ୍ରୟାସ ହେଉଛି ଯେ ସର୍ବାଧିକ ଯୁବକ ଏହି ନୂତନ ସୁଯୋଗର ଲାଭ ଉଠାଇପାରିବେ। ଦେଶର ଯୁବପିଢ଼ିଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାର ପୂର୍ଣ୍ଣ ସୁଯୋଗ ପାଇବାକୁ ସୁନିଶ୍ଚିତ କରିବା ପାଇଁ, ଦକ୍ଷତା ବିକାଶ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଉପରେ ନିରନ୍ତର ଗୁରୁତ୍ୱ ଦିଆଯାଉଛି। ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପରିବର୍ତ୍ତନ କେବଳ ବଡ଼ ସହର ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ପରିବର୍ତ୍ତନରେ ଆମର ମହିଳା ଶକ୍ତିର ଭୂମିକା ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଆଜି, ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ସଂଖ୍ୟା ବହୁଳ ଭାବରେ ଆରମ୍ଭ ହେଉଛି। ଆଜି, ଗାଁ ଏବଂ ଛୋଟ ସହରରେ ପୂର୍ବ ଅପେକ୍ଷା ଅଧିକ ମହିଳା ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି। ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ମୋଦୀ କହିଥିଲେ ଯେ ସରକାରୀ ଚାକିରି ଲୋକଙ୍କ ଜୀବନକୁ ସହଜ କରିବାର ଏକ ମାଧ୍ୟମ। ଆପଣ ଯେଉଁ ବିଭାଗରେ କାମ କରିବେ, ଆପଣଙ୍କର ଆଚରଣ, ସମ୍ବେଦନଶୀଳତା ଏବଂ ଆଭିମୁଖ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଆପଣଙ୍କ କାମ, ଆପଣଙ୍କ ଆଚରଣ, ଆପଣଙ୍କ କଥା ଏବଂ ଆପଣଙ୍କ ଆଚରଣ ମାଧ୍ୟମରେ ବିଶ୍ୱାସକୁ ସୁଦୃଢ଼ କରିବା ଆପଣଙ୍କର ଦାୟିତ୍ୱ। ପ୍ରତ୍ୟେକ ଯୁବବର୍ଗ ନିଜ କାମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କରିବା ଉଚିତ। ଆପଣ ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ସରକାରଙ୍କ ବାହୁ, ସରକାରଙ୍କ ଶକ୍ତି। ଆଜି ଭାରତର ଲୋକଙ୍କ ଆକାଂକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମୁଁ ଏହାକୁ ବିକାଶର ଏକ ସକାରାତ୍ମକ ସଙ୍କେତ ମଧ୍ୟ ମନେ କରେ। ମୁଁ ଆପଣଙ୍କୁ କର୍ମଯୋଗୀ ପ୍ଲାଟଫର୍ମର ସୁଯୋଗ ନେବାକୁ ଅନୁରୋଧ କରୁଛି। ଭାରତର ଯୁବପିଢ଼ି ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜର ଛାପ ସୃଷ୍ଟି କରୁଛନ୍ତି। ଏହି ସମାନ ଶକ୍ତି ସାର୍ବଜନୀନ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେବା ଉଚିତ। ଲୋକଙ୍କ ସେବା କରିବା ହେଉଛି ଈଶ୍ୱରଙ୍କ ସେବା। ମୁଁ ବିଶ୍ୱାସ କରେ ଯେ ନିଯୁକ୍ତି ପତ୍ର ପାଉଥିବା ଯୁବ ସହକର୍ମୀମାନେ ଏଥିରେ ଯୋଗଦାନ ଦେବେ। ଆମର ମନ୍ତ୍ର ହେଉଛି ‘ନାଗରିକ ଦେବୋ ଭବଃ’। ନାଗରିକଙ୍କ କଲ୍ୟାଣ ଆମର କର୍ତ୍ତବ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଜାତୀୟ ଚେତନା
JATIYA CHETANA



### ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ପାଇଁ ବଡ଼ ପଦକ୍ଷେପ

# ଆସିଲା ସଂଶୋଧିତ ବଦଳି ନୀତି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମୋହନ ମାଝୀଙ୍କ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଛି ସଂଶୋଧିତ ବଦଳି ନୀତି। ସମଗ୍ର ରାଜ୍ୟରେ ତାହା କଡ଼ାକଡ଼ି ଭାବେ ପାଳନ କରାଯିବ। ମନଇଚ୍ଛା ବଦଳି ହୋଇପାରିବ ନାହିଁ। ବଦଳି ନିର୍ଦ୍ଦେଶନାମାରେ ରହିବ ରିଲିଭିଂ ଓ ଜଏନିଂ ସମୟସୀମା। କେବଳ ଜନସ୍ୱାର୍ଥ, ପ୍ରଶାସନିକ ସମସ୍ୟା କିମ୍ବା କୌଣସି ଗୁରୁତର ବ୍ୟକ୍ତିଗତ ଅସୁବିଧା ସମୟରେ ଉପଯୁକ୍ତ କର୍ତ୍ତୃପକ୍ଷ ଲିଖିତ କାରଣ ଦର୍ଶାଇ ଏହି ନିୟମରେ ସାମାନ୍ୟ କୋହଳ କରିପାରିବେ।

ପ୍ରତିବର୍ଷ ଏଣିକି ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ ସାଧାରଣ ବଦଳି କରାଯିବ। ଯଦି କୌଣସି ବଦଳି ଜରୁରୀ ଥାଏ, ତାହାଲେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ଉଚ୍ଚ ଅଧିକାରୀଙ୍କ ଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ। ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ନିୟମ ଲାଗୁ ହେବ। ଗୋଟିଏ ସ୍ଥାନରେ ୩ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ହେବେ। ହେଲେ ସରକାର ଚାହିଁଲେ ବଦଳି କରିପାରିବେ। ସରକାରି ଚାକିରିଆ ଦମ୍ପତିଙ୍କ ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି, ତେବେ ଗୁରୁତ୍ୱପୂର୍ଣ୍ଣ ପଦବୀର କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ଷ୍ଟେସନରେ ଅବସ୍ଥାପିତ କରାଯାଇପାରିବ। ବଦଳି ସମୟରେ ରାଜସ୍ୱ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ଗ୍ରହଣ କରାଯିବ। କେବଳ ଜିଲ୍ଲା ଓ ରାଜ୍ୟସ୍ତରର ଅଫିସର ଅବା କର୍ମଚାରୀ ନୁହଁନ୍ତି ସଂଶୋଧିତ ବଦଳି ନିୟମ ମଧ୍ୟ ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣବଦଳିଯୋଗ୍ୟ ମିନିଷ୍ଟିଆଲ କ୍ୟାଡ଼ର ପାଇଁ ବି ଲାଗୁ ହେବ। ଏସବୁଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ସିଟ ବା ଦାୟିତ୍ୱରେ ୩ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ଓ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ହିଁ ଏହି ସମୟସୀମା ବଢ଼ାଯାଇପାରିବ। ଗ୍ରୁପ୍ 'ସି' କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଞ୍ଚଳରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ରାଜ୍ୟ କ୍ୟାଡରର ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି' ଅଧିକାରୀମାନେ ଗୋଟିଏ ରାଜସ୍ୱ ଜିଲ୍ଲାରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ହିଁ ରହିପାରିବେ। ଏହାସହିତ ଗ୍ରୁପ 'ଏ' ଓ ଗ୍ରୁପ 'ବି' ବର୍ଗର ସମ୍ବେଦନଶୀଳ ପଦବୀଗୁଡ଼ିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ବ୍ଲକ୍ ସର୍କୁଲାର-୧୯୬୭ରେ ଆଧାର କରି ଅଫିସରମାନେ ବଦଳି ଅଟକାଇବା ପାଇଁ ରାଜନୈତିକ ନେତାଙ୍କ ଦ୍ୱାରା ସରକାରଙ୍କ ଉପରେ ଚାପ ପକାଉଥିଲେ ଓ ରିଲିଭ୍ ହେବାରେ ବିଳମ୍ବ କରୁଥିଲେ। ମାତ୍ର ଏହି ସଂଶୋଧିତ ଗାଇଡ଼ଲାଇନରେ ବଦଳି ଅର୍ଡ଼ରରେ ରିଲିଭିଂ ଓ ଜଏନିଂ ସମୟସୀମା ଉଲ୍ଲେଖ ରହିବ। ସଂଶୋଧିତ ବଦଳି ନୀତିରେ କର୍ମଚାରୀମାନଙ୍କୁ ସେମାନଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଆଉ ବଡ଼ ନିଷ୍ପତ୍ତି, ଚାରିକୁ କମିଲା କାରକେଡ୍ ଗାଡ଼ି ସଂଖ୍ୟା

ଭୁବନେଶ୍ୱର,(ଜା.ପ୍ର): ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗଗୁଡ଼ିକ ନିମନ୍ତେ ଆଠ ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିବାର ଚବିଶ ଘଣ୍ଟାନପୁରୁଣୁ ନିଜ କାରକେଡ୍ ଗାଡ଼ି ସଂଖ୍ୟା ଚାରିକୁ ଖସାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବା ପରେ ଶ୍ରୀ ମାଝୀ ନିଜ କାର୍‌କେଡ୍‌ରେ ମୋଟ୍ ୧୨ ଗାଡ଼ି ବ୍ୟବହାର କରୁଥିଲେ। ଏଥିରେ ନିଜ ବୁଲେଟ୍ ପ୍ରୁଫ୍ ଚାରିଚକିଆ ଯାନ ସହ ପାଇଲଟ୍, ଆମ୍ବୁଲାନ୍ସ,ଦମକଳ ଗାଡ଼ି ଅନ୍ତର୍ଭୁକ୍ତ ଥିଲା। ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ଼୍ର ଗାଡ଼ିସଂଖ୍ୟା ଅଧା କରିଥିଲେ। ଅର୍ଥାତ ୬ଟି ଗାଡ଼ି କାରକେଡ୍‌ରେ ବ୍ୟବହାର ହେଉଥିଲା। ଗତ ଗୁରୁବାର ପୁଣି ମୁଖ୍ୟମନ୍ତ୍ରୀ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କୁ ମଧ୍ୟ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ ବ୍ୟବହାର କରିବାକୁ ସେ ନିବେଦନ କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନିଜ କାରକେଡ୍ ଗାଡ଼ି ସଂଖ୍ୟାକୁ ୪ଟି ହ୍ରାସ କରିଛନ୍ତି।

## ଜୁନ୍ ୨୮କୁ ଘୁଞ୍ଚିଲା ଓଟିଇଟି

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଏହି ପରୀକ୍ଷା ଜୁନ୍ ୨୧ ତାରିଖରେ ହେବାର ଥିଲା, ମାତ୍ର ଏବେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜୁନ୍ ୨୮ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ସୂଚନା ଅନୁଯାୟୀ, ଜୁନ୍ ୨୮ ତାରିଖରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ପେପର ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପେପର ଅପରାହ୍ନ ୨ଟାରୁ ଆରମ୍ଭ ହୋଇ ସଞ୍ଜ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ଜୁନ୍ ୧୭ ତାରିଖରୁ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ।

## 'ଓଭରଲୋଡ୍ ସହ ଟ୍ରାନ୍ସଫର୍ମର ବର୍ଣ୍ଣଆଉଟ୍ ହେଉଛି'

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ସମ୍ପ୍ରତି ଗ୍ରୀଷ୍ମପ୍ରବାହ ଅତ୍ୟନ୍ତ ବିପଦଜନକ ସ୍ଥିତିରେ ଥିଲା ବେଳେ ଘନଘନ ବିଦ୍ୟୁତ୍ କାଟ ସାଧାରଣ ଧନଜୀବନକୁ ଗୁରୁତର ପ୍ରଭାବିତ କରିଛି। ତେବେ ଏନେଇ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏବେ ଯେଉଁପରି ହିଟ୍‌ୱେଭ୍ ଚାଲିଛି, ସେସବୁକୁ ରୋକିବା ତାହା କାହାରି ହାତରେ ନାହିଁ। ତାପମାତ୍ରା ପିକ୍ ସମୟରେ ଥିବା ବେଳେ ବିଜୁଳିର ଅଧିକ ଡିମାଣ୍ଡ୍ ରହୁଛି, ଅଧିକ ଏସି/କୁଲର ଆଦି ବ୍ୟବହାର ହେଉଛି। ଫଳରେ ଓଭରଲୋଡ୍ ହେଉଛି ଏବଂ ଟ୍ରାନ୍ସଫର୍ମର ବର୍ଣ୍ଣ ଆଉଟ୍ (ଜଳିଯିବା) ହେଉଛି। ତଥାପି ଶୀଘ୍ର ରିଷ୍ଟୋର୍ କରିବା ପାଇଁ ଆମେ ବ୍ୟବସ୍ଥା କରୁଛୁ। ଲୋକେ ଯେପରି ନିରନ୍ତର ବିଜୁଳି ପାଇପାରିବେ ଆମେ ଚେଷ୍ଟା କରୁଛୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ବିଷୟରେ ଚେତାବନୀ ଦେଇଛନ୍ତି ଯେ, ଗ୍ରୀଷ୍ମ ଋତୁରେ କୌଣସି ପ୍ରକାରର ଅବହେଳା କିମ୍ବା ବେପରୁଆ ବିଦ୍ୟୁତ କାଟକୁ ବରଦାସ୍ତ କରାଯିବ ନାହିଁ ଏବଂ ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡ଼ିଶାରେ ଚଳିତ ଗ୍ରୀଷ୍ମ ଋତୁରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ବିଦ୍ୟୁତ୍ ବିତରକ କମ୍ପାନୀଗୁଡ଼ିକ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସେ ଏହି କମ୍ପାନୀଗୁଡ଼ିକ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ ବିଲ୍ ବାକି ଥିବା ଆଳରେ କୌଣସି ବି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇପାରିବ ନାହିଁ। ମୌସୁମୀ ବାୟୁ ଆସିବା ପର୍ଯ୍ୟନ୍ତ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ ରହିବ। ସେହିପରି ଟାଟା ପାୱାର ଦ୍ୱାରା ପରିଚାଳିତ ସମସ୍ତ ଡିସକମ୍‌ସ (ବିତରକ କମ୍ପାନୀ)ଙ୍କୁ କୌଣସି ପ୍ରକାରର ଅଘୋଷିତ ବା ମନମୁଖୀ ବିଦ୍ୟୁତ୍ କାଟ୍ ନକରିବାକୁ ଚେତାବନୀ ଦିଆଯାଇଛି। ଯଦି କୌଣସି ଜରୁରୀକାଳୀନ ମରାମତି ବା ରକ୍ଷଣାବେକ୍ଷଣ ପାଇଁ ପାୱାର କଟ୍ ଆବଶ୍ୟକ ହୁଏ, ତେବେ ତାହା ପୂର୍ବରୁ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ ଆଲର୍ଟ ଏବଂ ମାଇକ୍ ପ୍ରଚାର ମାଧ୍ୟମରେ ଜଣାଇବା ବାଧ୍ୟତାମୂଳକ କରାଯାଇଛି। ଗ୍ରାହକମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଦ୍ୟୁତ ବିଭାଗର କଲ୍ ସେଣ୍ଟର କ୍ଷମତାକୁ ପ୍ରତିଦିନ ୧୦୦ ରୁ ୧୫୦ ଲଗଇନ୍‌କୁ ବୃଦ୍ଧି କରାଯାଇଛି। ଏହା ସହିତ ମିସ୍‌ଡ୍-କଲ୍ ଏବଂ ସିଙ୍ଗଲ-କ୍ଲିକ୍ ସେବା ଆରମ୍ଭ କରାଯାଇଛି, ଯାହାଦ୍ୱାରା ଗ୍ରାହକମାନେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସୂଚନା ତୁରନ୍ତ ଲାଇଭ୍ ପାଇପାରିବେ।

## ଆଇପିଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ପ୍ରଶାସନକୁ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟପାଳଙ୍କ ଆଦେଶକ୍ରମେ ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ତ୍ରିଲୋଚନ ମାଝୀଙ୍କ ସ୍ୱାକ୍ଷରରେ ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ୧୮ ଜଣ ବରିଷ୍ଠ ଆଇପିଏସ୍ ଏବଂ ଓପିଏସ୍ ଅଧିକାରୀଙ୍କୁ ତୁରନ୍ତ ପ୍ରଭାବରୁ ବଦଳି କରାଯାଇ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ପ୍ରଶାସନିକ ଅଦଳବଦଳରେ ଅନେକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବଦଳି ହୋଇଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ପଦବୀରେ ମଧ୍ୟ ନୂତନ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସରକାରୀ ବିଜ୍ଞପ୍ତି ଅନୁସାରେ, ନବରଙ୍ଗପୁରର ଆରକ୍ଷୀ ଅଧୀକ୍ଷକ (ଡିଆଇଜିପି ପଦବୀରେ) ଥିବା ମଡକର ସନ୍ଦୀପ ସମ୍ପତ, ଭା.ପୁ.ସେ (୨୦୧୨ ବ୍ୟାଚ୍)ଙ୍କୁ କଟକ ସ୍ଥିତ କ୍ରାଇମବ୍ରାଞ୍ଚ (ସିଆଇଡି-ସିବି)ର ଡି.ଆଇ.ଜି ଭାବେ ବଦଳି କରାଯାଇଛି। ସେହିପରି କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ ଥିବା ପରମାର ସ୍ମିତ ପରଷୋତ୍ତମଦାସ, ଭା.ପୁ.ସେ (୨୦୧୩ ବ୍ୟାଚ୍)ଙ୍କୁ ନୟାଗଡ଼ର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ.ପି.) ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧାର ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଭା.ପୁ.ସେ (୨୦୧୪ ବ୍ୟାଚ୍)ଙ୍କୁ କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ ପଦବୀକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାୟଗଡ଼ାର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ସ୍ୱାତୀ ଏସ. କୁମାର, ଭା.ପୁ.ସେ (୨୦୧୭ ବ୍ୟାଚ୍)ଙ୍କୁ ଭୁବନେଶ୍ୱର ସ୍ଥିତ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଆରକ୍ଷୀ ଅଧୀକ୍ଷକ ଭାବେ ନୂତନ ଦାୟିତ୍ୱ ମିଳିଛି। ଅପରପକ୍ଷରେ ବରଗଡ଼ର ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା, ଭା.ପୁ.ସେ (୨୦୧୭ ବ୍ୟାଚ୍)ଙ୍କୁ ଗଜପତିର ଏସ.ପି. ଭାବେ ବଦଳି କରାଯାଇଛି। ନୟାଗଡ଼ର ଏସ.ପି. ଥିବା ଏସ. ସୁଶ୍ରୀ, ଭା.ପୁ.ସେ (୨୦୧୮ ବ୍ୟାଚ୍)ଙ୍କୁ ଭିଜିଲାନ୍ସର ଆରକ୍ଷୀ ଅଧୀକ୍ଷକ ଭାବେ ନୂତନ ନିଯୁକ୍ତି ମିଳିଛି। ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଭା.ପୁ.ସେ (୨୦୧୮ ବ୍ୟାଚ୍)ଙ୍କୁ ରାୟଗଡ଼ାର ଏସ.ପି. ଏବଂ ଗଞ୍ଜାମର ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଭା.ପୁ.ସେ (୨୦୧୯ ବ୍ୟାଚ୍)ଙ୍କୁ ଖୋର୍ଦ୍ଧାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ବୌଦ୍ଧର ଏସ.ପି.ରାହୁଲ ଗୋୟଲ, ଭା.ପୁ.ସେ (୨୦୨୦ ବ୍ୟାଚ୍)ଙ୍କୁ ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ ଭାବେ ଏବଂ କନ୍ଧମାଳର ଏସ.ପି. ହରିଶା ବି. ସି., ଭା.ପୁ.ସେ (୨୦୨୦ ବ୍ୟାଚ୍)ଙ୍କୁ ଗଞ୍ଜାମର ନୂତନ ଏସ.ପି. ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହା ବ୍ୟତୀତ ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଥିବା କାଶ୍ୟପ ପାର୍ଥ ଜଗଦୀଶ, ଭା.ପୁ.ସେ (୨୦୨୧ ବ୍ୟାଚ୍)ଙ୍କୁ ପଦୋନ୍ନତି ସହ ନବରଙ୍ଗପୁରର ଏସ.ପି. ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଏଡିସ ଭାବେ କାର୍ଯ୍ୟ କରୁଥିବା କୁଲଦୀପ ମୀନା, ଭା.ପୁ.ସେ (୨୦୨୧ ବ୍ୟାଚ୍)ଙ୍କୁ ବୌଦ୍ଧର ଆରକ୍ଷୀ ଅଧୀକ୍ଷକ ଏବଂ ରାୟଗଡ଼ାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଭା.ପୁ.ସେ (୨୦୨୨ ବ୍ୟାଚ୍)ଙ୍କୁ କନ୍ଧମାଳର ନୂତନ ଏସ.ପି. ଭାବେ ଅବସ୍ଥାପିତ କରାଯାଇଛି। କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ର ଏସିପି ଥିବା ଅନନ୍ୟା ଅଗ୍ରୱାଲ, ଭା.ପୁ.ସେ (୨୦୨୨ ବ୍ୟାଚ୍)ଙ୍କୁ ରାଜ୍ୟପାଳଙ୍କ ନୂତନ ଏଡିସି ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ପୁଲିସ ସେବା (ଓ.ପୁ.ସେ) ଅଧିକାରୀମାନଙ୍କ ମଧ୍ୟରେ କଟକ ସିଆଇଡି, ସିବିର ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଓ.ପୁ.ସେ (ଏସଏଜି)ଙ୍କୁ ବଦଳି କରାଯାଇ ସିଗନାଲ୍ସର ଆରକ୍ଷୀ ଅଧୀକ୍ଷକ କରାଯାଇଛି। ସେହିପରି ଭୁବନେଶ୍ୱର ସ୍ଥିତ ଏସ୍‌ଟିଏଫ୍‌ର ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର ନାଥ ଶତପଥୀ, ଓ.ପୁ.ସେ (ଏସଏଜି)ଙ୍କୁ ବରଗଡ଼ର ନୂତନ ଏସପି. ଭାବେ ଦାୟିତ୍ୱ ଦିଆଯାଇଛି। ସ୍ପେଶାଲ ବ୍ରାଞ୍ଚର ଆରକ୍ଷୀ ଅଧୀକ୍ଷକ କୃଷ୍ଣ ପ୍ରସାଦ ଦାସ, ଓ.ପୁ.ସେ (ଏସ)ଙ୍କୁ ରାଉରକେଲାର ଏସଆରପି ଏବଂ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସର ଡିସିପି(ୟୁପିଡି)ଭାବେ କାର୍ଯ୍ୟରତ କିଶୋର ଚନ୍ଦ୍ର ମୁଣ୍ଡ, ଓ.ପୁ.ସେ (ଏସ)ଙ୍କୁ ଦେବଗଡ଼ର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଅବସ୍ଥାପିତ କରାଯାଇଛି।

# ପାୱାର କମ୍ପାନୀଙ୍କ ଉପରେ ଲାଗୁ ହେଲା ଏସ୍ମା, ସଂସ୍ଥାରେ ୬ ମାସ ପାଇଁ ଧର୍ମଘଟ ଅସିଦ୍ଧ

ଭୁବନେଶ୍ୱର,(ଜା.ପ୍ର): ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ଓ ତେଲ ସଙ୍କଟଜନିତ ଚାପ ମଧ୍ୟରେ ଓଡ଼ିଶା ସରକାର ଶକ୍ତିକ୍ଷେତ୍ର ସହ ଜଡ଼ିତ ସମସ୍ତ କମ୍ପାନୀଙ୍କ ଉପରେ ଏସ୍ମା ଲାଗୁ କରିଛନ୍ତି। ଏସବୁ ସଂସ୍ଥାରେ ଆଗାମୀ ୬ ମାସ ପାଇଁ କୌଣସି ପ୍ରକାର ଧର୍ମଘଟକୁ ନିଷିଦ୍ଧ କରିଛନ୍ତି। ଗ୍ରିଡ୍‌କୋ, ଓପିଟିସିଏଲ, ଓଏଚ୍‌ପିସି, ଓପିଜିସି, ଟିପିସିଓଡିଏଲ, ଟିପିଏନ୍‌ଓଡିଏଲ, ଟିପିଏସ୍‌ଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ ଭଳି ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପରେ ଏହି ଆଦେଶ ଲାଗୁ କରାଯାଇଛି। ଏଥିସହ ରାଜ୍ୟର ଅନ୍ୟାନ୍ୟ ଶକ୍ତି ଉତ୍ପାଦନ ସଂସ୍ଥାମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କଟକଣା ଲାଗୁ ହେବ। ସାମ୍ପ୍ରତିକ ସ୍ଥିତାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ଇନ୍ଧନ ଖର୍ଚ୍ଚ'କୁ ସଂକୁଚିତ କରିବା ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଶକ୍ତିକ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକ ପାଇଁ ଏହି ନୂଆ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗର ବିଶେଷ ଶାଖା ପକ୍ଷରୁ ଶୁକ୍ରବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଅତ୍ୟାବଶ୍ୟକ ସେବା (ପରିଚାଳନା) ଆଇନ ୧୯୮୮ ବଳରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି। ସରକାରଙ୍କ ଏହି ନିର୍ଦ୍ଦେଶ ଫଳରେ ଏହି ସଂସ୍ଥାଗୁଡ଼ିକର କର୍ମଚାରୀ, ଇଞ୍ଜିନିୟର ଓ ଅନ୍ୟ ସଂପୃକ୍ତ ସେବାକର୍ମୀମାନେ ଏଣିକି ଧର୍ମଘଟ କିମ୍ବା କାମ ବନ୍ଦ ଆନ୍ଦୋଳନ କରିପାରିବେ ନାହିଁ। ଅନଧିକୃତ ଭାବେ କାର୍ଯ୍ୟରୁ ଅନୁପସ୍ଥିତ ରହିବାକୁ ମଧ୍ୟ ଏହି ଆଇନ ଅନୁଯାୟୀ ଧର୍ମଘଟର ଶ୍ରେଣୀରେ ଗଣାଯିବ ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି।

ଜାତୀୟ ଚେତନା
JATIYA CHETANA

# ପାଶ୍ଚାତ୍ୟ ପୂର୍ବାଗ୍ରହ ଓ ଭାରତୀୟ ସାମର୍ଥ୍ୟ

ପାଶ୍ଚାତ୍ୟ ଗଣମାଧ୍ୟମର ଏକ ବଡ଼ ଗୋଷ୍ଠୀ ସବୁବେଳେ ଭାରତକୁ ଏକ ପଛୁଆ, ଦରିଦ୍ର ଏବଂ ରକ୍ଷଣଶୀଳ ରାଷ୍ଟ୍ର ଭାବେ ଚିତ୍ରଣ କରିବାର ଯେଉଁ ମାନସିକତା ରଖିଛନ୍ତି, ତାହା ପୁଣି ଥରେ ପଦାରେ ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁରୋପ ଗସ୍ତ ସମୟରେ ନରୱେର ସବୁଠାରୁ ପୁରୁଣା ଓ ସର୍ବାଧିକ ପ୍ରସାରିତ ଖବରକାଗଜ 'ଆଫଟେନପୋଷ୍ଟେନ'ରେ ପ୍ରକାଶିତ ଏକ କାର୍ଟୁନ ଏବଂ ସାମ୍ବାଦିକା ହେଲେ ଲିନଙ୍କ ପ୍ରଶ୍ନବାଣକୁ ନେଇ ଏବେ ତୀବ୍ର ବିତର୍କ ସୃଷ୍ଟି ହୋଇଛି। ସେହି କାର୍ଟୁନରେ ପ୍ରଧାନମନ୍ତ୍ରୀଙ୍କୁ ଏକ ସାପୁଆ କେଳା ଭାବେ ଦର୍ଶାଯାଇ ସେ 'ବିନ' ବଜାଇ ପେଟ୍ରୋଲିଅମ ପାଇପ୍‌କୁ ନିଜ ବଶକୁ ଆଣୁଥିବାର ବ୍ୟଙ୍ଗ କରାଯାଇଛି। ଏହା କେବଳ ଏକ ସାଧାରଣ ବ୍ୟଙ୍ଗଚିତ୍ର ନୁହେଁ, ବରଂ ପାଶ୍ଚାତ୍ୟ ଦୁନିଆର ବୌଦ୍ଧିକ ଦାରିଦ୍ର୍ୟ, ପ୍ରାଚୀନ ପୂର୍ବାଗ୍ରହ ଏବଂ ବାସ୍ତବତାକୁ ସ୍ୱୀକାର ନକରିପାରିବାର ଏକ ନିର୍ମମ କପଟାଚାର।

ଅବଶ୍ୟ ଗଣତନ୍ତ୍ରରେ ଜଣେ ସାମ୍ବାଦିକର ଅପ୍ରିୟ ପ୍ରଶ୍ନ ପଚାରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି, ବିଶେଷ କରି ନରୱେ ଭଳି ଏକ ପାରଦର୍ଶୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସ୍ୱାଭାବିକ। କିନ୍ତୁ ଏହାର ଆଢୁଆଳରେ ଭାରତକୁ ସେହି ପୁରୁଣା 'ସାପୁଆ କେଳାର ଦେଶ' ଭାବେ ଉପସ୍ଥାପନ କରିବା ପଛରେ ୟୁରୋପୀୟଙ୍କ ସେହି ସାମ୍ରାଜ୍ୟବାଦୀ ହୀନମନ୍ୟତା ଓ ଈର୍ଷା ସ୍ପଷ୍ଟ ବାରି ହୋଇପଡୁଛି, ଯାହାକୁ ଆଧାର କରି ବ୍ରିଟିଶ ଶାସକମାନେ କେବେ ଭାରତକୁ ହେୟଜ୍ଞାନ କରୁଥିଲେ। ଆଜିର ଦ୍ରୁତ ଅଭିବୃଦ୍ଧିଶୀଳ, ଆର୍ଥିକ ମହାଶକ୍ତି ଏବଂ ବିଶ୍ୱର ବିଶାଳତମ ବଜାର ଭାବେ ଉଭା ହୋଇଥିବା ଭାରତର ନୂତନ ପରିଚୟକୁ ଗ୍ରହଣ କରିବା ପାଶ୍ଚାତ୍ୟ ଗଣମାଧ୍ୟମ ପାଇଁ କଷ୍ଟକର ହେଉଛି।

ଏଭଳି ଉଦାହରଣ ପ୍ରଥମ ନୁହେଁ। ୨୦୧୫ ମସିହାରେ ଯେତେବେଳେ ଭାରତ ଚନ୍ଦ୍ରଯାନ ଓ ମଙ୍ଗଳଯାନର ଅଭୁତପୂର୍ବ ସଫଳତା ସହ ବିଶ୍ୱର ସେହି ବିରଳ ପଞ୍ଚ-ରାଷ୍ଟ୍ରୀୟ ଏଲିଟ୍ କ୍ଲବ (ଆମେରିକା, ରୁଷ, ଇଂଲାଣ୍ଡ, ଫ୍ରାନ୍ସ, ଚୀନ)ରେ ସାମିଲ ହେଲା, ସେତେବେଳେ ପ୍ରତିଷ୍ଠିତ 'ନ୍ୟୁୟର୍କ ଟାଇମ୍ସ' ଏକ କାର୍ଟୁନ ପ୍ରକାଶ କରିଥିଲା। ସେଥିରେ ସାହେବୀ ପୋଷାକ ପିନ୍ଧିଥିବା ପାଞ୍ଚ ଜଣ ବ୍ୟକ୍ତିଙ୍କ ବନ୍ଦ କୋଠରୀର କବାଟକୁ ଧୋତି ପିନ୍ଧି ଗାଈ ଧରିଥିବା ଜଣେ ଦରିଦ୍ର ଭାରତୀୟ ଚାଷୀ ବାଡ଼ାଉଥିବାର ଦେଖାଯାଇଥିଲା। ସେହି ବର୍ଷ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ଭାରତକୁ ଏକ ମନ୍ଥରଗାମୀ ହାତୀ ଭାବେ ଚିତ୍ରଣ କରାଯାଇଥିଲା, ଯିଏ ବ୍ୟବସ୍ଥାରେ ବାଧା ସୃଷ୍ଟି କରୁଛି। ସେତିକିରେ ପାଶ୍ଚାତ୍ୟ ଗଣମାଧ୍ୟମର ଅହଂକାର ରୋକିନଥିଲା; ଅଷ୍ଟ୍ରେଲିଆର ଏକ ଖବରକାଗଜ କାର୍ଟୁନରେ ଦେଖାଇଥିଲା ଯେ ଭାରତୀୟ ଗ୍ରାମବାସୀ ସୌର ପ୍ୟାନେଲକୁ ଭାଙ୍ଗି ଚଟଣି ସହ ଖାଉଛନ୍ତି ! ଏପରିକି ୨୦୨୩ରେ ଭାରତର ଜନସଂଖ୍ୟା ଚୀନକୁ ଟପିବା ପରେ ଜର୍ମାନିର 'ଡେର ସ୍ପିଗେଲ' ଏକ ଦଦରା ଓ ଲୋକ ଖୁନ୍ଦି ହୋଇଥିବା ଭାରତୀୟ ଟ୍ରେନ ସହିତ ଚୀନର ଆଧୁନିକ ବୁଲେଟ ଟ୍ରେନକୁ ତୁଳନା କରି ବ୍ୟଙ୍ଗ କରିଥିଲା।

ଏହି ସମସ୍ତ ବ୍ୟଙ୍ଗଚିତ୍ର କେବଳ ଅରୁଚିକର ନୁହେଁ, ବରଂ ପାଶ୍ଚାତ୍ୟ ଜଗତର ଦୋମୁହାଁ ନୀତିକୁ ପ୍ରମାଣିତ କରେ। ଏକଛତ୍ରବାଦୀ ଚୀନକୁ ସେମାନେ ପ୍ରଶଂସା କରନ୍ତି, କାରଣ ସେମାନଙ୍କ ଆର୍ଥିକ ନିର୍ଭରଶୀଳତା ଚୀନ ଉପରେ ରହିଛି। ସେହି ସାମ୍ବାଦିକମାନେ କେବେ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଏଭଳି ପ୍ରଶ୍ନ କରିବାର ସାହସ ପାଆନ୍ତି ନାହିଁ। ୨୦୧୭ରେ ଭାରତ ଏକାସଙ୍ଗେ ୧୦୪ଟି ଉପଗ୍ରହ ମହାକାଶକୁ ପ୍ରେରଣ କରିବା ଏବଂ ୨୦୨୩ରେ ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବା ଭଳି ଐତିହାସିକ ସଫଳତା ସମୟରେ ପାଶ୍ଚାତ୍ୟ ଗଣମାଧ୍ୟମ ନିରବ ରହିଥିଲା କିମ୍ବା ବିବିସି ଭଳି ସଂସ୍ଥା ଏହାକୁ 'ଅତି ଶସ୍ତାରେ କରାଯାଇଥିବା ମହାକାଶ ମିଶନ' କହି ଏହାର ମହତ୍ତ୍ୱକୁ କ୍ଷୁଣ୍ଣ କରିବାକୁ ଚେଷ୍ଟା କରିଥିଲେ।

ଯଦିଓ ଭାରତୀୟ ଗଣମାଧ୍ୟମ (ଯେପରିକି 'ଟାଇମ୍ସ ଅଫ ଇଣ୍ଡିଆ') ପାଲଟା କାର୍ଟୁନ ମାଧ୍ୟମରେ ସେମାନଙ୍କୁ ଦେଶ ଭିତରେ ବସିଥିବା ଚାଷୀ ଏବଂ ବାହାରେ କବାଟ ବାଡ଼ାଉଥିବା ସାହେବମାନଙ୍କ ଚିତ୍ର ଦେଖାଇ ଉଚିତ ଜବାବ ଦେଇଛି, ତଥାପି ଏହି ପ୍ରତିବାଦ କେବଳ ସାମୟିକ। ପ୍ରକୃତରେ ଟିକିଏ ସ୍ଥିର ବିଚାର କଲେ ବୋଧ ହୋଇଥାଏ ଯେ, ଭାରତ ପାଇଁ ଏଭଳି ପାଶ୍ଚାତ୍ୟ ଆକ୍ଷେପର ଯଥାର୍ଥ ଉତ୍ତର କେବଳ ପ୍ରତିବାଦରେ ସୀମିତ ରହିବା ଉଚିତ ନୁହେଁ। ଭାରତକୁ ନିଜର ଗଣତାନ୍ତ୍ରିକ ତ୍ରୁଟିକୁ ସଜାଡ଼ିବାକୁ ହେବ, ସାମଗ୍ରିକ ବ୍ୟବସ୍ଥାରେ ଉତ୍କର୍ଷ ପ୍ରତିପାଦନ କରିବାକୁ ହେବ ଏବଂ ନିରନ୍ତର ପ୍ରଗତି ପଥରେ ଆଗେଇବାକୁ ହେବ। ଚୀନ ଭଳି ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକୁ ନିଜ ଉପରେ ଏଭଳି ଭାବେ ନିର୍ଭରଶୀଳ କରିବାକୁ ହେବ, ଯେପରି ପ୍ରକୃତ ସାମର୍ଥ୍ୟ ବଳରେ ହିଁ ସେମାନଙ୍କ ମୁହଁ ବନ୍ଦ ହୋଇଯିବ। ଯେଉଁଦିନ ଭାରତ ନିଜର ଆର୍ଥିକ, ବୈଜ୍ଞାନିକ ଓ ବାସ୍ତବିକ ସାମର୍ଥ୍ୟର ଚରମ ସୀମାରେ ପହଞ୍ଚିବ, ସେଦିନ ପୂର୍ବାଗ୍ରହର ଶିକାର ହୋଇଥିବା ପାଶ୍ଚାତ୍ୟ ଗଣମାଧ୍ୟମ ଅବଲୀଳା କ୍ରମେ ସ୍ୱତଃ ହତବାକ୍ ଓ ନତମସ୍ତକ ହେବାକୁ ବାଧ୍ୟ ହେବ। ଏହା ହିଁ ହେବ ଭାରତର ଶ୍ରେଷ୍ଠ ଓ ବାସ୍ତବିକ ପ୍ରତ୍ୟୁତ୍ତର।

ଏହି ସଫଳତା କେବଳ ଆତ୍ମସନ୍ତୋଷରେ ସୀମିତ ରହିଲେ ଚଳିବ ନାହିଁ, ବରଂ ଏହାକୁ ଏକ ନିରନ୍ତର ସାଧନାରେ ପରିଣତ କରିବାକୁ ହେବ। ଆଜିର ଡିଜିଟାଲ୍ ଓ ଅର୍ଥନୈତିକ ଯୁଗରେ କେବଳ ପାଲଟା ଆକ୍ଷେପ କିମ୍ବା ସାମୟିକ ଆକ୍ରୋଶ ପ୍ରକାଶ କରି ଆମେ ଅନ୍ୟର ମାନସିକତାକୁ ବଦଳାଇ ପାରିବା ନାହିଁ। ପାଶ୍ଚାତ୍ୟ ଜଗତର ଏହି ପୂର୍ବାଗ୍ରହକୁ ଭାଙ୍ଗିବା ପାଇଁ ଭାରତକୁ ନିଜର ଆଭ୍ୟନ୍ତରୀଣ ଶକ୍ତି, ଶିକ୍ଷା, ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବାକୁ ପଡ଼ିବ। ଆମର ନୀତି ଏଭଳି ସୁଦୃଢ଼ ହେବା ଆବଶ୍ୟକ ଯେପରି ବିଶ୍ୱର ବଡ଼ ବଡ଼ ଶକ୍ତି ଆମ ସହ ସାମିଲ ହେବାକୁ ବାଧ୍ୟ ହେବେ। ସାମ୍ପ୍ରତିକ ସ୍ଥିତିରେ ଚୀନ ଯେଭଳି ନିଜର ଉତ୍ପାଦନ କ୍ଷମତା ଓ ଆର୍ଥିକ ରଣନୀତି ବଳରେ ସମଗ୍ର ବିଶ୍ୱ ବଜାରକୁ ନିୟନ୍ତ୍ରଣ କରୁଛି, ଭାରତକୁ ମଧ୍ୟ ସେହିଭଳି ଏକ ସ୍ୱାବଲମ୍ବୀ ଓ ଅପରିହାର୍ଯ୍ୟ ଶକ୍ତି ଭାବେ ନିଜକୁ ଗଢ଼ିବାକୁ ହେବ। ଆମକୁ ଶିଳ୍ପ, ବାଣିଜ୍ୟ ଏବଂ ସାମରିକ କ୍ଷେତ୍ରରେ ଏଭଳି ଏକ ଶିଖରରେ ପହଞ୍ଚିବାକୁ ହେବ, ଯେଉଁଠି କୌଣସି ପାଶ୍ଚାତ୍ୟ ରାଷ୍ଟ୍ର ବା ସେମାନଙ୍କର ପ୍ରତିଷ୍ଠିତ ଗଣମାଧ୍ୟମ ଆମକୁ ହେୟଜ୍ଞାନ କରିବାକୁ ସାହସ ସୁଦ୍ଧା କରିବେ ନାହିଁ।

# ଅସରପା ଉଦୟ: ଆଭାସୀ ମଞ୍ଚରୁ ଆକ୍ରୋଶର ଆଗ୍ନେୟଗିରି

ଜାନକୀନାଥ ମହାନ୍ତି

ସାମାଜିକ ଗଣମାଧ୍ୟମର ଆଧୁନିକ ଯୁଗରେ ଜନମତ ଓ ଆନ୍ଦୋଳନର ସ୍ୱରୂପ କିଭଳି ଆଖିପିଛୁଳାକେ ବଦଳିଯାଇପାରେ, ତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି 'କକ୍ରୋଚ ଜନତା ପାର୍ଟି' (ସିଜେପି)। ଆମେରିକାର ବୋଷ୍ଟନ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ଭାରତୀୟ ଛାତ୍ର ଅଭିଜିତ ଦୀପକେଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଆଭାସୀ ଦଳ ମାତ୍ର ତିନି ଦିନ ମଧ୍ୟରେ ପ୍ରାୟ ଦୁଇ କୋଟି ଅନୁଗାମୀଙ୍କୁ ନିଜ ସହ ଯୋଡ଼ି ଏକ ଅପ୍ରତ୍ୟାଶିତ ସାମାଜିକ ବିପ୍ଳବର ସୂତ୍ରପାତ କରିଛି। ଏହି ସଂଖ୍ୟା ବିଶ୍ୱର ବୃହତ୍ତମ ରାଜନୈତିକ ଦଳ ବିଜେପିର ସୋସିଆଲ ମିଡିଆ ଫଲୋଅର୍ସଙ୍କ ତୁଳନାରେ ପ୍ରାୟ ଅଢ଼େଇ ଗୁଣ ଅଧିକ, ଯାହା ଶାସନ ଗାଦିରେ ଥିବା ନେତା ଓ ସମାଜବିଜ୍ଞାନୀଙ୍କୁ ଚକିତ କରିବା ସହ ଗଭୀର ଚିନ୍ତାରେ ପକାଇ ଦେଇଛି।

ବର୍ତ୍ତମାନ ସୁଦ୍ଧା ଆମେ ଜନମାନସରେ ଅସରପା ବା କକ୍ରୋଚକୁ ଏକ ଭୀରୁ, ବଞ୍ଚି ରହିବା ପାଇଁ ବିକଳରେ ପଳାୟନ କରୁଥିବା ଏବଂ ଅନ୍ଧାର କୋଣରେ ଲୁଚି ରହୁଥିବା ଜୀବ ଭାବେ ଦେଖି ଆସିଛୁ। ସମାଜର ସେହି ନିଷ୍ପେଷିତ, ସ୍ୱରହୀନ ଓ ସାଧାରଣ ବର୍ଗ ଯେଉଁମାନେ ବ୍ୟବସ୍ଥାର ଚାପରେ ସବୁବେଳେ ନିଜକୁ ଲୁଚାଇ ରଖିବାକୁ ବାଧ୍ୟ ହୁଅନ୍ତି, ସେମାନଙ୍କର ସମ୍ମିଳିତ ବିଦ୍ରୋହର ଏହି ଘନଘଟା କୋଟି କୋଟି ଜନତାଙ୍କ ଅସନ୍ତୋଷର ପ୍ରତିଫଳନ ବୋଲି ମନେହୁଏ। ଏତେ ଦ୍ରୁତ ବେଗରେ ଏହି ଆନ୍ଦୋଳନର ବ୍ୟାପକତା ବୃଦ୍ଧି ପାଇବା ଦର୍ଶାଉଛି ଯେ, ଡିଜିଟାଲ୍ ମଞ୍ଚରେ ସଂଗଠିତ ହେବାର ଶକ୍ତି କେତେ ପ୍ରଭାବଶାଳୀ। କହିବା ବାହୁଲ୍ୟ ଯେ, ଯଦି ଏହି ବିଶାଳ ଜନଶକ୍ତିକୁ ଏକ ଶୃଙ୍ଖଳିତ ଏବଂ ସାରାତ୍ମକ ମାର୍ଗରେ ପରିଚାଳିତ କରାଯାଏ, ତେବେ ଏହା ଭାରତୀୟ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ। ଯୁବପିଢ଼ିର ସ୍ୱର, ସଂସ୍କାରର ଆହ୍ୱାନ ଏବଂ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଏହା ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରେ। କିନ୍ତୁ ଏହାର ଦ୍ୱିତୀୟ ଦିଗଟି ଅତ୍ୟନ୍ତ ସ୍ପର୍ଶକାତର। ଡିଜିଟାଲ ଜଗତରେ ଦୂରଦୃଷ୍ଟି ଓ ଦୃଢ଼ ନିୟନ୍ତ୍ରଣର ଅଭାବ ରହିଲେ, ଏଭଳି ଅନିୟନ୍ତ୍ରିତ ଜନସ୍ରୋତ ଗୁଜବ, ଉତ୍ତେଜନା ଏବଂ ଚରମ ନୈରାଶ୍ୟ ସୃଷ୍ଟିର କାରଣ ମଧ୍ୟ ପାଲଟିପାରେ। ସମଗ୍ର ଭାରତୀୟ ଇତିହାସରେ ଏଭଳି ସ୍ୱଳ୍ପ ସମୟ ମଧ୍ୟରେ ଏତେ ବଡ଼ ସାମାଜିକ ଗତିଶୀଳତା କେବେ ଦେଖିବାକୁ ମିଳିନଥିଲା। ଏହି 'ଅସରପା ଉଦୟ' ଦେଶର ଭବିଷ୍ୟତକୁ କେଉଁ ମୋଡ଼କୁ ନେଉଛି, ତାହା ଏବେ ବିଶେଷଜ୍ଞଙ୍କ ମଧ୍ୟରେ ତୀବ୍ର ବିତର୍କର ବିଷୟ ପାଲଟିଛି ଏବଂ ଏହାର ସୁପରିଚାଳନା ହିଁ ଏହାର ସଫଳତା ସ୍ଥିର କରିବ।

ଏହି ପରିପ୍ରେକ୍ଷୀରେ, ଏଭଳି ଏକ କୌତୂହଳପ୍ରଦ ନାମଧାରୀ ଦଳ ହଠାତ୍ କାହିଁକି ମୁଣ୍ଡ ଟେକିଲା, ତାହା ଜାଣିବା ନିହାତି ଜରୁରୀ। ଗତ ମେ ୧୭ ତାରିଖରେ ଏକ ମାମଲାର ବିଚାର ବେଳେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ମୁହଁରୁ ନିସୃତ କିଛି ଆକ୍ଷେପମୂଳକ ଶବ୍ଦ ହିଁ ଏହି ଆନ୍ଦୋଳନର ମୂଳ କାରଣ ସାଜିଛି। ସେହି ବିଚାର କାଳରେ ଦେଶର 'ନିଯୁକ୍ତିହୀନ' ବା ବେକାର ଯୁବବର୍ଗଙ୍କୁ 'କକ୍ରୋଚ' (ଅସରପା) ଓ 'ପାରାସାଇଟ' (ପରଜୀବୀ) ବୋଲି ସମ୍ବୋଧନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହା ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବା ସହ ମୁଖ୍ୟ ବିଚାରପତିଙ୍କୁ ଏକ ସ୍ପଷ୍ଟୀକରଣ ଦେବାକୁ ବାଧ୍ୟ କରିଥିଲା, ଯେଉଁଥିରେ ସେ କହିଥିଲେ ଯେ ତାଙ୍କ ବକ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି। ତେବେ ଏହି ସ୍ପଷ୍ଟୀକରଣ ଜନମାନସର ଆକ୍ରୋଶକୁ ପ୍ରଶମିତ କରିପାରିନଥିଲା, ବରଂ ଏହାର ପରିଣାମ ସ୍ୱରୂପ 'ସିଜେପି'ର ଭିତ୍ତିଭୂମି ସ୍ଥାପିତ ହୋଇଥିଲା। ଆରମ୍ଭରୁ ହୁଏତ ଅଭିଜିତ ଏହାକୁ ଏକ ହାଲୁକା ଅନ୍ଦାଜରେ 'ବିଦୂପକାରୀ ରାଜନୈତିକ ଦଳ' ଭାବେ ଗଢ଼ିଥିଲେ, ଯେଉଁଠି ସାମିଲ ହେବାର ଯୋଗ୍ୟତା ଥିଲା- ନିଯୁକ୍ତିହୀନତା, ସୋସିଆଲ ମିଡିଆରେ ଅବିରାମ ସମୟ ବିତାଇବା, ଆଳସ୍ୟ ଏବଂ ବ୍ୟବସ୍ଥା ବିରୋଧରେ ନିଜ ଆକ୍ରୋଶ ଝାଡ଼ିବାର ଦକ୍ଷତା। ମାତ୍ର ଏହି ମଞ୍ଚ ସହ ଯୋଡ଼ି ହୋଇଥିବା ଅନୁଗାମୀଙ୍କ ଅକଳ୍ପନୀୟ ସଂଖ୍ୟା ଏବେ ଏକ ଯୁଗାନ୍ତକାରୀ କ୍ଷଣ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ଅଭିଜିତ 'ସିଜେପି'କୁ ଏକ ବାସ୍ତବ ଓ ସଂଗଠିତ ରାଜନୈତିକ ଦଳର ରୂପ ନ ଦେବେ ବୋଲି କେହି କହିପାରିବେ ନାହିଁ। ଅନ୍ୟପକ୍ଷରେ, ଏକ ବାସ୍ତବତା ଏହା ମଧ୍ୟ ଯେ, ଆନ୍ନା ହଜାରେଙ୍କ ଆନ୍ଦୋଳନରୁ ଜନ୍ମ ନେଇଥିବା 'ଆମ ଆଦମୀ ପାର୍ଟି' ସହ ସ୍ୱଳ୍ପକାଳୀନ ସମ୍ପୃକ୍ତିର ଅଭିଜ୍ଞତା ଅଭିଜିତଙ୍କର ରହିଛି। ତେଣୁ ସେ ଭଲ ଭାବେ ଜାଣନ୍ତି ଯେ ଦଳୀୟ ରାଜନୀତିର ପଙ୍କିଳ ପରିବେଶକୁ ଓହ୍ଲାଇଲେ କର୍ଦ୍ଦମାକ୍ତ ନ ହୋଇ ରହିବା ପ୍ରାୟ ଅସମ୍ଭବ। ସୁତରାଂ, 'ସିଜେପି'ର ଭବିଷ୍ୟତ ନେଇ ହଠାତ୍ କୌଣସି ପୂର୍ବାନୁମାନ କରାଯାଇ ନପାରେ। ଅନେକ ବିଶେଷଜ୍ଞଙ୍କ ମତରେ, ଏଭଳି ଏକ ବିପୁଳ ଜନାଧାରକୁ ସେଭଳି କୌଣସି ପ୍ରତ୍ୟକ୍ଷ ରାଜନୈତିକ ଦଳରେ ରୂପାନ୍ତରିତ ନକରି, ବ୍ୟବସ୍ଥା ଉପରେ ଏକ ଅଣ-ରାଜନୈତିକ ଚାପ ସୃଷ୍ଟିର ମାଧ୍ୟମ ରୂପେ ବ୍ୟବହାର କରିବା ହିଁ ବୁଦ୍ଧିମାନର କାର୍ଯ୍ୟ ହେବ। ତେବେ ସେ ଯାହା ହେଉ ନା କାହିଁକି, ଏହି ସାମ୍ପ୍ରତିକ ସ୍ଥିତିରୁ ଗୋଟିଏ ବିଷୟ ସ୍ପଷ୍ଟ ହୋଇଛି ଯେ, ଭାରତର ଏକ ଅତ୍ୟନ୍ତ ବିଶାଳ ସଂଖ୍ୟକ ଅସନ୍ତୁଷ୍ଟ ଜନତା ଆଜି 'କକ୍ରୋଚ' ବା ଅସରପାର ପରିଚିତିକୁ ଆପଣେଇ ଏକ ବ୍ୟବସ୍ଥା-ପ୍ରତିବାଦୀ ମଞ୍ଚରେ ଏକଜୁଟ ହୋଇଛନ୍ତି। ଏମାନେ ସେହିମାନେ, ଯେଉଁମାନେ ପ୍ରଚଳିତ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ସମୟରେ ତ୍ୟାଜ୍ୟ, ଦଣ୍ଡିତ ଓ ସୀମାନ୍ତରିତ (ଙ୍କବକ୍ସଶସଭବକ୍ଷସଛରୟ) ହୋଇଛନ୍ତି; ସତ୍ତ୍ୱେ ସେମାନେ ସମାଜର ଅନ୍ଧାର କୋଣରେ ନିରବରେ, ଅସରପା ସଦୃଶ କୌଣସିମତେ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛନ୍ତି। ଏହି ସମ୍ମିଳିତ ସ୍ୱରକୁ ଆଉ ଅଣଦେଖା କରାଯାଇପାରିବ ନାହିଁ।

'କକ୍ରୋଚ ଜନତା ପାର୍ଟି' (ସିଜେପି) ସୃଷ୍ଟି ହେବାର ମାତ୍ର ସପ୍ତାହକ ମଧ୍ୟରେ ଏହାର ନିଜସ୍ୱ 'ଆନ୍‌ଥେମ' (ଦଳୀୟ ସଂଗୀତ), ଚିହ୍ନ ଓ ମାନିଫେଷ୍ଟୋ ଆଦି ସାମାଜିକ ଗଣମାଧ୍ୟମରେ ବୈଦ୍ୟୁତିକ ବେଗରେ ଭାଇରାଲ ହେବାରେ ଲାଗିଛି। ମୁଖ୍ୟ ବିଚାରପତିଙ୍କ କଟାକ୍ଷରେ ଥିବା 'ଅସରପା'ର ଉପମା ହେତୁ ଏହି ତୁଚ୍ଛ ପତଙ୍ଗର ସାମାଜିକ ଭାବମୂର୍ତ୍ତିରେ ଏକ ଅପୂର୍ବ ଉନ୍ନତି ଘଟିଛି। ବିନାଶକାରୀ ପ୍ରତିକୂଳତା ସତ୍ତ୍ୱେ ପୃଥିବୀର ଏହି ଆଦିମତମ ଜୀବର ବଞ୍ଚି ରହିବାର ସାମର୍ଥ୍ୟ ଏବେ ଖୁବ୍ ପ୍ରଶଂସାଭାଜନ ହୋଇପଡ଼ିଛି। ଅସରପାର ମହିମା ବଖାଣ କରି ସଭ୍ୟମାନେ କହୁଛନ୍ତି ଯେ, ଆଣବିକ ଯୁଦ୍ଧର ବିଭୀଷିକାରେ ମଧ୍ୟ ବଞ୍ଚି ରହି ପାରୁଥିବା ଏହି କ୍ଷୁଦ୍ର ଜୀବଟି ଶିର ବିହୀନ ହୋଇ ସୁଦ୍ଧା କେଇ ଦିନ ଧରି ଜୀବିତ ରହିପାରେ; ଅର୍ଥାତ ଏହା ତିଷ୍ଠି ରହିବାର ଅସାମାନ୍ୟ ଦକ୍ଷତା ଦ୍ୱାରା ବଳୀୟାନ। 'ସିଜେପି'ର ସଦସ୍ୟମାନଙ୍କ ସ୍ଲୋଗାନ ଏବେ ଗୁଞ୍ଜରିତ ହେଉଛି- 'କକ୍ରୋଚ (ଅସରପା) ହୋଇଥିବାରୁ ମୁଁ ଗର୍ବିତ' ଏବଂ ସେମାନଙ୍କ ମୂଳ ଧ୍ୟେୟ ହେଉଛି 'ଯେ କୌଣସିମତେ ତିଷ୍ଠି ରହିବା'। ପ୍ରତିକୂଳ ପରିସ୍ଥିତି ଓ ସମ୍ଭାବ୍ୟ ଦମନର ପରିପ୍ରେକ୍ଷୀରେ ଏହା ଅସରପା ଚରିତ୍ରର ଏକ ବଳିଷ୍ଠ ଅଭିବ୍ୟକ୍ତି।

ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ, ବ୍ୟବସ୍ଥାର ପୀଡ଼ା ଓ ହତାଶାକୁ ନିରବରେ ସହି ଚାଲିଥିବା ଅସଂଖ୍ୟ ଭାରତୀୟଙ୍କ ମର୍ମସ୍ଥଳକୁ 'କକ୍ରୋଚ' ବା 'ପାରାସାଇଟ' ଭଳି ସମ୍ବୋଧନ ହୁଏତ ଏଭଳି ଦାରୁଣ ଭାବେ ବିଦ୍ଧ କରି ନଥାନ୍ତା, ଯଦି ତାହା ସ୍ୱୟଂ ମୁଖ୍ୟ ବିଚାରପତିଙ୍କ କଣ୍ଠରୁ ନିସୃତ ହୋଇ ନଥାନ୍ତା। କାରଣ ଦେଶର ଉଚ୍ଚ ଅଦାଲତର ନ୍ୟାୟାଧୀଶମାନେ ସାଧାରଣ ନାଗରିକଙ୍କ ପାଇଁ ସଂବେଦନାର ସ୍ରୋତ ସାଜି ଆବଶ୍ୟକ ସ୍ଥଳେ ବ୍ୟବସ୍ଥାର ବେତ୍ରାଘାତରୁ ନିଷ୍କୃତି ଦିଅନ୍ତି ବୋଲି ଯେଉଁ ବିଶ୍ୱାସ ରହିଥିଲା, ତାହା ଏହି ଉକ୍ତି ଦ୍ୱାରା ଗଭୀର ଭାବେ ଆହତ ହୋଇଛି। କୁହାଯାଉଛି ଯେ 'ସିଜେପି'ର ମୁଖ୍ୟ ଆଧାର ହେଉଛନ୍ତି 'ଜେନ ଜେଡ୍' ବର୍ଗର ତରୁଣ ସମାଜ, ଯେଉଁମାନେ ନିକଟ ଅତୀତରେ ଆମ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ବଡ଼ ବଡ଼ ଆନ୍ଦୋଳନର ସୂତ୍ରପାତ କରିଛନ୍ତି। ସଂପ୍ରତି ନିଯୁକ୍ତିହୀନତା, ସୁଯୋଗ-ଶୂନ୍ୟତା, ଉତ୍ପାଦନରହିତ ଅସ୍ତିତ୍ୱ, ବ୍ୟାପକ ଦୁର୍ନୀତି ଓ ପ୍ରଶ୍ନପତ୍ର ଲିକ୍ ଆଦି ସମସ୍ୟା ଦ୍ୱାରା ଜର୍ଜରିତ ଓ ମ୍ରିୟମାଣ ଏହି ଯୁବବର୍ଗର ଆକାଂକ୍ଷା ପୂରଣ କରିବାରେ ସରକାର ଏବେଠାରୁ ବ୍ରତୀ ହେବା ଆବଶ୍ୟକ। ସେହି ଦୃଷ୍ଟିରୁ ଏହି 'ଅସରପାର ଉଦୟ'କୁ ଶାସନ ବ୍ୟବସ୍ଥା ପାଇଁ ଏକ ସତର୍କ ଘଣ୍ଟି ବୋଲି ଚେତାଇ ଦିଆଯାଉଛି।

'ସିଜେପି'ର ଏହି ଅଭ୍ୟୁଦୟ ଜନମାନସରେ ବିପୁଳ ଚାଞ୍ଚଲ୍ୟ, କୌତୂହଳ, ଆଶା ଓ ଆଶଙ୍କା ସୃଷ୍ଟି କରିଛି। ଗୋଟିଏ ଗୋଷ୍ଠୀ ମନେ କରନ୍ତି ଯେ, ପ୍ରାରମ୍ଭିକ ଉଚ୍ଚାଟ ଓ ଆବେଗ ପ୍ରଶମିତ ହେବା ସହିତ ଆଭାସୀ ଜଗତର ଏହି ଦଳ କ୍ରମେ ମୃତପ୍ରାୟ ହୋଇଯିବ। କିନ୍ତୁ ଅନ୍ୟ ଅନେକ ଆଲୋଚକଙ୍କ ମତରେ, ପ୍ରତିବାଦର ସ୍ୱର ରୂପେ ଏହାର ଆବିର୍ଭାବ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏହା ଦୀର୍ଘଜୀବୀ ହେବ। ସେମାନଙ୍କ ମତରେ, ଆବଶ୍ୟକ ପଡ଼ିଲେ ଏହି ପ୍ରତିବାଦକୁ ଆଭାସୀ ମଞ୍ଚରୁ ରାଜପଥକୁ ଓହ୍ଲାଇ ଅଣାଯିବା ଉଚିତ, ଯାହା 'ସିଜେପି'ର ବାସ୍ତବ ସଫଳତାକୁ ପ୍ରମାଣିତ କରିବ। ଏହି ସମୟରେ 'ସିଜେପି'ର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡଲକୁ ନିଷ୍କ୍ରିୟ କରି ଦିଆଯାଇଥିବା ଅଭିଯୋଗ ହେଲାଣି, ଯାହାକୁ ବ୍ୟବସ୍ଥା ପକ୍ଷରୁ ଦମନର ପ୍ରାରମ୍ଭିକ ପଦକ୍ଷେପ ବୋଲି କୁହାଯାଉଛି। ତେବେ କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ଆଦୌ ଭୁଲିଯିବା ଉଚିତ ନୁହେଁ ଯେ, 'ସିଜେପି' ପ୍ରକାରାନ୍ତରେ ଏକ ସୁପ୍ତ ଆଗ୍ନେୟଗିରି, ଯହିଁରୁ ଯେକୌଣସି ସମୟରେ ଭୟାବହ ଉଦ୍‌ଗିରଣ ସୃଷ୍ଟି ହୋଇପାରେ। ସାମାଜିକ ଗଣମାଧ୍ୟମର ଆଭାସୀ ଉପସ୍ଥିତି କିଭଳି ଅନିୟନ୍ତ୍ରିତ ବାସ୍ତବତାରେ ପରିଣତ ହୋଇ ବଡ଼ ବିପର୍ଯ୍ୟୟ ଘଟାଇପାରେ।

ଜାତୀୟ ଚେତନା
JATIYA CHETANA



# ମହାନଦୀ ବିବାଦର ଦେଖାଦେଇଛି ସମାଧାନ ଆଶା

ଭୁବନେଶ୍ୱର,(ଜା.ପ୍ର): ମହାନଦୀ ଉପରେ ଛତିଶଗଡ଼ ବନ୍ଧ ନିର୍ମାଣ କରିବା ଓ ଓଡ଼ିଶାର ବିଧିବଦ୍ଧ ବିରୋଧର ପ୍ରାୟ ୧୦ ବର୍ଷ ପରେ ଏବଂ ବିବାଦର ସମାଧାନ ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଟ୍ରିବୁନାଲ୍ ଗଠନର ୮ ବର୍ଷ ପରେ ମହାନଦୀ ଜଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ଆଶା ଦେଖାଦେଇଛି। ପୁରୀରେ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀ ଓ ଆଇନ ପରାମର୍ଶଦାତାଙ୍କ ମାନସମନ୍ଥନ ପରେ ରାଜ୍ୟ ସରକାର 'ସମାଧାନ' ନେଇ ଆଶାବାଦୀ ହୋଇଛନ୍ତି। ପୁରୀରେ ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ହୋଇଥିବା ବୈଠକ ପରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ 'ଆଶାବାଦୀ'ବୋଲି କହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଅନୁରୂପ ଭାବେ 'ସମାଧାନର ଆଶା ଉଜ୍ଜ୍ୱଳ' ବୋଲି କହିଛନ୍ତି। ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ବିଗତ କିଛି ବର୍ଷ ଧରି ମହାନଦୀ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ପ୍ରାୟ ବନ୍ଦ ରହିଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନିକ ଓ ବୈଷୟିକ ସ୍ତରରେ ଆଲୋଚନା ସଫଳ ଭାବେ ଆଗକୁ ବଢୁଛି। ଟ୍ରିବ୍ୟୁନାଲଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାର ପକ୍ଷରୁ ଏକ ଉଚ୍ଚସ୍ତରୀୟ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଛତିଶଗଡ଼ ସରକାର ମଧ୍ୟ ଶୀଘ୍ର ଏଭଳି କମିଟି ଗଠନ କରିବେ। ଏହାପରେ ଉଭୟ ରାଜ୍ୟ ମଧ୍ୟରେ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ପୂଜାରୀ ଦୃଢ଼ ଆଶା ପ୍ରକାଶ କରି କହିଛନ୍ତି ଯେ, ପ୍ରାୟ ୨୫ ବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ଏବେ ଆଲୋଚନା ମାଧ୍ୟମରେ ସମ୍ଭବ ହେବ ଏବଂ ଓଡ଼ିଶାର ସ୍ୱାର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବ। ଅପରପକ୍ଷରେ, ରବିବାର ପୁରୀ ଠାରେ ଅନୁଷ୍ଠିତ ବୈଠକରେ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଛତିଶଗଡ଼ର ଏଜି ବିବେକ ଶର୍ମାଙ୍କ ସହ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ବୈଷୟିକ ଦଳ ଉପସ୍ଥିତ ଥିଲେ। ବୈଠକ ପରେ ଏକ୍ସ ମାଧ୍ୟମରେ ପ୍ରତିକ୍ରିୟା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳ ବିବାଦର ସମାଧାନ ଦିଗରେ ବୈଠକରେ ଅନେକ ମୂଳ ପ୍ରସଙ୍ଗ ଉପରେ ସନ୍ତୋଷଜନକ ଆଲୋଚନା ହୋଇଛି। ଉଭୟ ରାଜ୍ୟର ଲୋକଙ୍କ ବୃହତ ସ୍ୱାର୍ଥକୁ ଆଗରେ ରଖି ବନ୍ଧୁତ୍ୱପୂର୍ଣ୍ଣ ସମାଧାନ ପାଇଁ ସମସ୍ତେ ସକାରାତ୍ମକ ଉଦ୍ୟମ କରିଥିବା ସେ କହିଛନ୍ତି।

# ୧୧ଟାରୁ ୩ଟା କାମ କରିବେନି ଶ୍ରମିକ

ଭୁବନେଶ୍ୱର,(ଜା.ପ୍ର): ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ପୂର୍ତ୍ତ ବିଭାଗର ଇଆଇସି ସମସ୍ତ ଜୋନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏହି ମର୍ମରେ ପତ୍ର ଲେଖିଛନ୍ତି। ବିଭାଗ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟ ନ କରାଇବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। କିନ୍ତୁ କିଛି ସ୍ଥାନରେ ଏହି ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଗଣମାଧ୍ୟମ ସୂତ୍ରରୁ ସରକାରଙ୍କ ଦୃଷ୍ଟିକୁ ଆସିଛି। ଏଣୁ ଠିକା ସଂସ୍ଥାମାନେ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ସେଡ୍) ସହ ପାନୀୟ ଜଳ ଓ ଫାଷ୍ଟ ଏଡ୍ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ କ୍ଷେତ୍ର କର୍ମଚାରୀମାନେ ଏଥି ପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ



ଭୁବନେଶ୍ୱର,(ଜା.ପ୍ର): ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶରେ ଓଡ଼ିଶାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ରାଜ୍ୟ ସ୍ତରୀୟ ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ନିମନ୍ତେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ପହଞ୍ଚାଇବା ପାଇଁ ଆହ୍ୱାନ ଜଣାଇଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା କାର୍ଯ୍ୟକର୍ତ୍ତା ଓ ନେତୃମଣ୍ଡଳୀଙ୍କୁ ଉଦବୋଧନ ଦେଇ ସାଂସଦ ଶ୍ରୀ ସିଂହ ଓଡ଼ିଶାର ସ୍ୱାର୍ଥ ପାଇଁ ଆମ୍ ଆଦ୍‌ମୀ ପାର୍ଟି ହିଁ ଏକମାତ୍ର ବିକଳ୍ପ ଭାବେ ନିଜର ସାଙ୍ଗଠନିକ ଦକ୍ଷତାକୁ କିପରି ପ୍ରତିପାଦିତ କରିପାରିବ, ସେଥିନିମନ୍ତେ ବିଭିନ୍ନ ରଣନୀତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀ କାଣ୍ଟର ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାଦିଆନ୍ ଯୋଗଦେଇ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ନେଇ ନବଗଠିତ ଅଞ୍ଚଳରେ କେନ୍ଦ୍ରୀୟ ଦଳ ଦ୍ୱାରା ନିଯୁକ୍ତ ସହ-ପ୍ରଭାରୀଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଯୋଜନାକୁ କିପରି ସଫଳକାମୀ କରାଯାଇପାରିବ, ସେଥିନିମନ୍ତେ ସମସ୍ତ ସକ୍ରିୟ ସଦସ୍ୟଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀର ସଭାପତିତ୍ୱ କରୁଥିବା ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଆଗାମୀ ଦିନରେ ସଂଗଠନକୁ ମତଦାନ କେନ୍ଦ୍ର ସ୍ତର ପର୍ଯ୍ୟନ୍ତ ନେବା ପାଇଁ ଆହ୍ୱାନ ଜଣାଇବା ସହ ଓଡ଼ିଶାରେ କିପରି ଆମ୍ ଆଦମୀ ପାର୍ଟି ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ ସେ ସଂପର୍କିତ ରଣନୀତି ପ୍ରଦାନ କରିଥିଲେ। ଏଥିସହ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ କଠିନ ପରିଶ୍ରମ କରି ସାଙ୍ଗଠନିକ ସ୍ଥିତିକୁ ମଜଭୁତ୍ କରିବାପାଇଁ ସେ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ ଜନସାଧାରଣଙ୍କ ପାଇଁ ଆମ୍ ଆଦମୀ ପାର୍ଟିକୁ ଏକ ଶକ୍ତିଶାଳୀ ବିକଳ୍ପ ଭାବରେ ପ୍ରସ୍ତୁତ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ କେଜ୍ରିୱାଲ ଓ କେନ୍ଦ୍ରୀୟ ନେତୃତ୍ୱ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ନିର୍ଭର ପ୍ରତିଶୃତି ଦେଇଥିବାରୁ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଏଥିପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ସମସ୍ତ ନେତୃମଣ୍ଡଳୀଙ୍କୁ ଓଡ଼ିଶାର ସମସ୍ତ ସଂଗ୍ରାମୀ କାର୍ଯ୍ୟକର୍ତ୍ତାଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଦଳ ଦ୍ୱାରା ନିଯୁକ୍ତ ସହ-ପ୍ରଭାରୀ ପୁନିତ୍ ରାୟ ଆଗାମୀ ତିନି ମାସ ମଧ୍ୟରେ ସଂଗଠନ ନିର୍ମାଣ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ପ୍ରଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଏହି ବୈଠକରେ ଅଂଶଗ୍ରହଣ କରିଥିବା ସମସ୍ତ ନେତୃମଣ୍ଡଳୀ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ ରାଜ୍ୟ ସଂଗଠନର ସାଙ୍ଗଠନିକ ସମ୍ପାଦକ ଭରତ ଦାସ୍, କଲ୍ୟାଣ ଆନନ୍ଦ, ଶ୍ରୀକାନ୍ତ ପାଣି, ସନ୍ଦୀପ୍ତ ଦାସ୍, ଭବାନୀ ସାହୁ, ଜନ୍ମେଜୟ ସ୍ୱାଇଁ ଏବଂ ସାମାଜିକ ଗଣମାଧ୍ୟମ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ଯୁବ, ଆଦିବାସୀ ଏବଂ ମହିଳା ଶାଖାର ସଭାପତିଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭାପତି ନିଜସ୍ୱ ମତ ପ୍ରଦାନ କରିବା ସହ ସମସ୍ତେ ଏକନିଷ୍ଠ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କ ତରଫରୁ ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ମିଳନୀରେ ଅରବିନ୍ଦ କେଜରିୱାଲ ଏବଂ ଆମ୍ ଆଦମୀ ପାର୍ଟିର ବିଚାରଧାରାରେ ଆକୃଷ୍ଟ ହୋଇ ଅନେକ ନୂତନ କାର୍ଯ୍ୟକର୍ତ୍ତା ଏବଂ ନେତୃମଣ୍ଡଳୀ ଦଳରେ ଯୋଗଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ୍ ପାଇଁ କ୍ୟାବିନେଟ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ



ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଢେଙ୍କାନାଳ ଜିଲ୍ଲା ଶାଖା ପକ୍ଷରୁ ନିଜର ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ 'ଅନୁଦାନ ସମ୍ପର୍କ ଅଭିଯାନ' ଆରମ୍ଭ ହୋଇଛି। ଏହି କ୍ରମରେ ସଂଘର ଏକମାତ୍ର ଦାବି ଯାହାକି ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପ୍ରଦାନ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୁପାରିଶ ପତ୍ର ପ୍ରେରଣ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁରୋଧ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ୧ ଜୁନ ୨୦୦୮ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଆଜି ପର୍ଯ୍ୟନ୍ତ ଅନୁଦାନ ପରିସରଭୁକ୍ତ କରାଯାଇନାହିଁ। ଏହି ଦାବି ପାଇଁ ପୂର୍ବରୁ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବଂ ଅନଶନ ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା।

ସଂଘର ସୂଚନା ମୁତାବକ ଗତ ୧୫.୧୦.୨୦୨୫ରେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବାବୁ ସିଂ, ଆଶ୍ରିତ ପଟ୍ଟନାୟକ ଏବଂ ବିଭାଗୀୟ ସଚିବଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ଅନୁଦାନ ନୀତି ପ୍ରଣୟନ ପାଇଁ ଦୃଢ଼ ପ୍ରତିଶୃତି ମିଳିଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସମିତି ଗଠନ କରିଥିଲେ। ଉକ୍ତ ସମିତି ସହ ଆଲୋଚନା ଶେଷ ହେବାର ୪ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ କର୍ମଚାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କାରଣରୁ ନୂତନ ଅନୁଦାନ ନୀତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସୁପାରିଶ ପତ୍ର ପଠାଇବା ପାଇଁ ସଂଘ ମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଢେଙ୍କାନାଳ ଜିଲ୍ଲା ଶାଖାର ବିଭିନ୍ନ ବ୍ଲକର ଖଣ୍ଡ ସଂଯୋଜକ ତଥା ଦିଲୀପ କୁମାର ପଣ୍ଡା, ଆଶିଷ କୁମାର ପଣ୍ଡା, ସୁଧାଂଶୁ ଶେଖର ଓଝା, ସୁନୀଲ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଏଫ୍‌ଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ଜା.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଓଡ଼ିଶା ବନ ବା(ଓଏଫ୍‌ଏସ୍) ଅଧିକାରୀଙ୍କ ସ୍ତରରେ ଅଦଳବଦଳ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ସିଟି ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ବିଶ୍ୱରାଜ ପଣ୍ଡାଙ୍କୁ ସୁବର୍ଣ୍ଣପୁର ବନଖଣ୍ଡର ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁର ସର୍କଲର ଆରସିସିଏଫ୍ କାର୍ଯ୍ୟାଳୟର ଆଦିତ୍ୟ ନାରାୟଣ ସେଠୀଙ୍କୁ ଭୁବନେଶ୍ୱର ସିଟି ବନଖଣ୍ଡର ଡିଏଫ୍‌ଓ ଭାବେ ଦାୟିତ୍ୱ ଦିଆଯାଇଛି। ରାଉରକେଲାର ପୂର୍ବତନ ଡିଏଫ୍‌ଓ ଯଶବନ୍ତ ସେଠୀଙ୍କୁ ବଣାଇ ବନଖଣ୍ଡର ଡିଏଫ୍‌ଓ ଓ ପ୍ରଭାକର ସେନାପତିଙ୍କୁ ଫୁଲବାଣୀ(କେନ୍ଦୁପତ୍ର) ବନଖଣ୍ଡର ଡିଏଫ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ଅଜୟ କୁମାର ସାହୁଙ୍କୁ କରଞ୍ଜିଆ ବନଖଣ୍ଡର ଡିଏଫ୍‌ଓ ଓ ଶୁଭେନ୍ଦୁ କୁମାର ବେହେରାଙ୍କୁ ବଲାଙ୍ଗୀର(କେନ୍ଦୁପତ୍ର) ବନଖଣ୍ଡର ଡିଏଫ୍‌ଓ ଭାବେ ନିଯୁକ୍ତି ମିଳିଛି। ରାୟଗଡ଼ାର ସିଲଭିକଲ୍‌ଚରିଷ୍ଟ ଅରୁଣ କୁମାର ବିଶ୍ୱାଳଙ୍କୁ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଏବଂ ତାଙ୍କ ସ୍ଥାନରେ କୋରାପୁଟ ବନଖଣ୍ଡର ପୂର୍ବତନ ଡିଏଫ୍‌ଓ କେ ଭି ଭାସ୍କର ରାଓଙ୍କୁ ରାୟଗଡ଼ାର ନୂଆ ସିଲଭିକଲ୍‌ଚରିଷ୍ଟ ଭାବେ ବଦଳି କରାଯାଇଛି। ସେହିପରି ପ୍ରତାପ ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଡେପୁଟି ସିଏଫ୍, ସସ୍ମିତା ଲେଙ୍କାଙ୍କୁ ଓଏଫ୍‌ଡିସିର ଡିଏମ୍, ଜିତେନ୍ଦ୍ର ବେହେରାଙ୍କୁ ପିସିସିଏଫ୍ ଅଫିସ୍‌ର ଡେପୁଟି ସିଏଫ୍, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପିସିସିଏଫ୍ କାର୍ଯ୍ୟାଳୟର ଡେପୁଟି ସିଏଫ୍ ଭାବେ ବଦଳି ହୋଇଛନ୍ତି।

# ସିୟୁଇଟି-ୟୁଜି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,(ଏଜେନ୍ସି): ନାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସିୟୁଇଟି-ୟୁଜି ୨୦୨୬ ପରୀକ୍ଷାକୁ ନେଇ ବଡ଼ ଅପ୍‌ଡେଟ୍ ଜାରୀ କରିଛି। ମେ' ୨୮ ତାରିଖରେ ହେବାକୁ ଥିବା ଏହି ପରୀକ୍ଷାକୁ ବକରୀଦ୍ କାରଣରୁ ସ୍ଥଗିତ କରାଯାଇଛି। ଏଜେନ୍ସି ଖୁବ୍‌ଶୀଘ୍ର ଏହି ପରୀକ୍ଷାର ସଂଶୋଧିତ ତାରିଖ ଘୋଷଣା କରିବ। ଏନ୍‌ଟିଏ ପକ୍ଷରୁ ଜାରୀ ନୋଟିସ୍‌ରେ କୁହାଯାଇଛି କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ଆଦେଶ ଏବଂ ବକରୀଦ୍ ଛୁଟିରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ୨୮ ତାରିଖରେ ଦୁଇଟି ସିଫ୍‌ଟରେ ହେବାକୁ ଥିବା ପରୀକ୍ଷା ଏବେ ଆୟୋଜିତ କରାଯିବ ନାହିଁ। ଏଜେନ୍ସି କୌଣସି ପ୍ରକାର ଗୁଜବକୁ ଧ୍ୟାନ ନଦେଇ କେବଳ ଆଧିକାରିକ ୱେବ୍‌ସାଇଟ୍ ଉପରେ ଭରସା କରିବାକୁ ପ୍ରାର୍ଥୀଙ୍କୁ ପରାମର୍ଶ ଦେଇଛି। ଏନ୍‌ଟିଏ ଦ୍ୱାରା ଏହି ପରୀକ୍ଷା ମେ' ୧୧ରୁ ୩୧ ତାରିଖ ପର୍ଯ୍ୟନ୍ତ କମ୍ପ୍ୟୁଟର ଆଧାରିତ ମୋଡ୍‌ରେ ଆୟୋଜିତ କରାଯାଉଛି। ଏହି ପରୀକ୍ଷା ପାଇଁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ର ପଞ୍ଜୀକରଣ କରିଛନ୍ତି।

ଜାତୀୟ ଚେତନା
JATIYA CHETANA



# ତୁ କି ସେଇ ନୀଳ ନୟନା

## ସୁନନ୍ଦା ମହାନ୍ତି



କୋଉ ଜିନିଷ ସବୁଠୁ ସୁନ୍ଦର ପଚାରିଲେ ଉତ୍ତର ତ ଅନେକ କିନ୍ତୁ କୋଉ ପକ୍ଷୀ ସବୁଠୁ ସୁନ୍ଦର କହିଲେ ମୟୂରର ନାମ ହିଁ ପ୍ରଥମେ ଆସିବ ଆଖିକୁ। ଆଉ ସେଥିରୁ ବାଦ ଯାଇନି ଟିକି ନାତି ବାବା। ଖନେଇ ଖନେଇ କହେ ମୟୁର ଆମ ଜାତୀୟ ପକ୍ଷୀ ଭାରି ସୁନ୍ଦର। ସୁନ୍ଦର ର ସଂଜ୍ଞା କଣ ବୁଝିଥିଲା କେଜାଣି ସେ କହୁଥିଲା ମୟୁର ଭାରି ସୁନ୍ଦର। ଆଜି ସେ ଜେଜେମାଆ କୋଳରେ ବସିଥିଲା ବୋଟ ରେ ଓ ଗଙ୍ଗା ମାଆ ନଦୀ ଭିତରେ। ଜେଜେମାଆ ଜେବେ ହୁଗୁଳି ନଦୀକୁ ଗଙ୍ଗାମାଆ କେଡେ ସୁନ୍ଦର ତୋ ଜଳ ରାଶି ବୋଲି କହି ମୁଣ୍ଡିଆ ମାରୁଥିଲେ ବାବା ଚାହିଁ ରହିଥିଲା ଜେଜେମାଆ ଙ୍କୁ ଓ ବୋଟ ଲାଗିଥିଲା କୂଳରେ। ସେଠୁ ଅଳ୍ପ ପାଦ ଚଲା ରାସ୍ତା ଟପି ଗଲାପରେ ବେଲୁର ମଠ। ବେଲୁର ମଠ ଭିତରେ ରାମକୃଷ୍ଣ ପରମହଂସ ଙ୍କ ବିରାଟ ଧ୍ୟାନ ମନ୍ଦିର। ସେଇ ମନ୍ଦିରରେ ସୁଭଦ୍ରାଙ୍କ ସହ ସ୍ୱାମୀ ଆଦିକନ୍ଦ, ପୁଅ ସରୋଜ, ବୋହୂ ରୋଜା, ଟିକି ନାତି ବାବା ବସିଯାଇଥିଲେ ସେ ସୁନ୍ଦର ପରିବେଶ ମଧ୍ୟରେ। ସୁଭଦ୍ରା ଙ୍କ ମନ କିନ୍ତୁ ବାହାରେ ଥିବା କିଛି ଗଛ ଉପରୁ ଶୁଆମାନଙ୍କ ରାବ ଠ୍ୱ କରି ତାଙ୍କୁ ଦେଖିବା। ଉଠି ଆସିଲେ ବାବା କାନ୍ଦୁଥିଲା ଯେ ମାମା ଜେଜେ କାହିଁକି ପଳେଇଲା !ଜେଜେମାଆ କୁ ମାମା ଜେଜେ ଡାକୁଥିବା ବାବା କୁ ବୋହୂ ରୋଜା ଯେବେ ତୁନି ତୁନି କହୁଥିଲା ଦେଖେ ମାମା ଜେଜେ ଏଠି ଅଛନ୍ତି ତ ବାବା ସାରଦା ଦେବୀଙ୍କ ଫଟୋକୁ ଚାହିଁ ଆଖି ବୁଝିଗଲେ ମନ ବୁଝେନା ପୁଣି ମନ ବୁଝିଗଲେ ଆଖି ବୁଝେନା ନ୍ୟାୟ ରେ କାନ୍ଦୁଥିଲା। ମାମା ଜେଜେ କହିଲେ ସେ ତା ଜେଜେମାଆ ସୁଭଦ୍ରା ଦେବୀଙ୍କୁ ହିଁ ବୁଝି ସାରିଥିଲା ଏ ଭିତରେ ତ ଛାଡିଦେଉନଥିଲା ତାଙ୍କୁ ବାହାରକୁ କିନ୍ତୁ ଶୁଆ ଦେଖିବା ନିଶାରେ ସୁଭଦ୍ରା ବାହାରକୁ ଆସିବାକୁ ମନ କରି ମଧ୍ୟ ବାବା ର କାନ୍ଦ ଯୋଗୁଁ ଅଟକି ଯାଉଥିଲେ ସେ ଶାନ୍ତ, ନମନୀୟ, କମନୀୟ ତଥା ସୁନ୍ଦର ବାତାବରଣ ଭିତରେ। ଭାବୁଥିଲେ ସତରେ ଏ କଲିକତା ରେ ମଣିଷ ରୂପୀ ଭଗବାନମାନଙ୍କର ସମ୍ମାନ ପାଇଁ କଲିକତାବାସୀ କେତେ ସୁନ୍ଦର ଧ୍ୟାନ ମନ୍ଦିର ସବୁ କରିଛନ୍ତି। ବେଲୁର ମଠ ତା ଭିତରୁ ଅନ୍ୟତମ ସୁନ୍ଦର ଓ ଆକର୍ଷଣୀୟ ମଠ। ବାବା ପାଖରୁ ତାକୁ ଛାଡ଼ି ବାହାରକୁ ଯାଇ ଶୁଆ ଠ୍ୱ କରିବାକୁ ଯାଇପାରୁନଥିବା ସୁଭଦ୍ରା ଦେବୀଙ୍କ କର୍ଣ୍ଣ ପଟଳ ରେ ଶୁଆମାନଙ୍କ ରାବ ପ୍ରତିଧ୍ୱନିତ ହେଉଥିଲା। ବାବା ସତେ ଯେମିତି ବୁଝିପାରୁଥିଲା ମାମା ଜେଜେ ସୁଭଦ୍ରାଙ୍କ ମନ କଥା ତ ଦରୋଟି ଭାଷାରେ କହୁଥିଲା ବାର୍ଡ ଦେଖିବୁକି ! ତାକୁ କୋଳେଇ ନେଇ ସୁଭଦ୍ରା କହୁଥିଲେ ହଁ ଧନ ବାର୍ଡ ଭାରି ସୁନ୍ଦର। ବାବା ର ଟିକି ମନ ବୋଧେ ଭାବୁଥିଲା ଜେଜେମାଆ ସତରେ କାହାକୁ ସୁନ୍ଦର କହୁଛି ? ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଧଳା ଧଳା ପାରାଙ୍କୁ ନା ଗଙ୍ଗା ମାଆ ଙ୍କୁ ନା କଲିକତାବାସୀଙ୍କ ସୁନ୍ଦର ମନ ଓ ଶାନ୍ତ ପରିବେଶ ର ଏହି ବେଲୁର ମଠ କୁ ନା ତା ବହିରେ ଥିବା ମୟୁର ଭଳି ସୁନ୍ଦର ପକ୍ଷୀଙ୍କୁ ! ଟିକି ନାତି ବାବା ମନରେ କଣ ଚାଲିଥିଲା କେଜାଣି ସୁଭଦ୍ରା କିନ୍ତୁ ଶୁଆ ଠାବ କରୁ କରୁ ଭାବୁଥିଲେ ଅନ୍ୟ କଥା।

ଅନ୍ୟ କଥା ମାନେ ସୁଭଦ୍ରା ଭାବୁଥିଲେ କଲିକତା ରେ ପୁଅ ସରୋଜ ରହୁଥିବା ଫ୍ଲାଟ ର ତାଙ୍କ ରୁମ ର ଗ୍ରିଲ ଝରକା ଦେଇ ସକାଳୁ ଉଠୁ ଉଠୁ ଦେଖୁଥିବା ଦୁଇ ଭଦଭଦଳିଆ ପକ୍ଷୀ ଭିତରୁ ଆଜି ଗୋଟିଏ ମନ ଦୁଃଖରେ ବସିଥିଲା। ଅନ୍ୟ ପକ୍ଷୀ ଅର୍ଥାତ ତା ସାଥି ନୀଳକଣ୍ଠି ପକ୍ଷୀଟିକୁ ଦେଖି ନପାରି କେତେକଥା ଭାବୁଥିଲେ ସୁଭଦ୍ରା। ତାଙ୍କ ପୁଅ ସରୋଜ ରହୁଥିବା ଫ୍ଲାଟ ଘର ଆଗରେ ଖାଲି ଥିବା ପ୍ଲଟ ରେ ଆଉ ଗୋଟେ ଫ୍ଲାଟ ମୁଣ୍ଡ ଟେକି ଠିଆ ହେବାକୁ ଯାଉଥିଲା ତ ଗଛ ସବୁ କଟା ଯାଇ ଜେସି ରେ ମାଟି ଖୋଳା ହୋଇ ନିଅଁ ପଡିବା ପରେ ଖୁଣ୍ଟି ଉଠିବା ପର୍ଯ୍ୟନ୍ତ ଜେସି ଦେଖୁ ଦେଖୁ ନାତି ବାବା ର ଯେତିକି ଖୁସି ସେପଟେ ଗଛ ନଥିବାରୁ ଭଦଭଦଳିଆ ବା ନୀଳକଣ୍ଠି ପକ୍ଷୀ ଦୁଇ ମାଟି ଖୋଲରେ ଛୁଆ ଫୁଟେଇବା ପାଇଁ ଅଣ୍ଡା ଉଷୁମଉ ଉଷୁମଉ ଏପଟେ ଖୁବ ଶୀଘ୍ର ଶୀଘ୍ର ଖୁଣ୍ଟି ଗୁଡିକ ଉଠି ଯାଇଥିଲା ଓ ଜେସି ଆସି ପୁଣି ଖୋଳା ଯାଇଥିବା ମାଟି ସବୁକୁ ନିଅଁ ଉପରେ ପୋତି ଚାଲିଥିଲା.ସବୁ ଠିକ ଥିଲା ବେଳେ ଭଦଭଦଳିଆ ପକ୍ଷୀର ସୁନ୍ଦର ଅଣ୍ଡା ଗୋଟେ କି ଦୁଇଟା କି ତିନିଟା କିଏ ଜାଣେ କେତେଟା ହଜି ଯାଇଥିଲା। ହୁଏତ ମାଟିରେ ପୋତି ହୋଇ ଯାଇଥିଲା ସେହି ସୁନ୍ଦର ପକ୍ଷୀର ସୁନ୍ଦର ସୁନ୍ଦର ଅଣ୍ଡା ଗୁଡିକ। ସକାଳୁ ସକାଳୁ ସୁଭଦ୍ରା ଦେଖିଥିଲେ ପଟେ ଭଦଭଦଳିଆ ପକ୍ଷୀ ଉଡି ଉଡି ସାଥିକୁ ଡାକୁଥିଲା ବେଳେ ଅନ୍ୟଟି କୋଉଠି ଦେଖାଯାଉନଥିଲା। ଛାତି କରତି ହୋଇଗଲା ସୁଭଦ୍ରାଙ୍କର। ସେ ଭାବୁଥିଲେ ଆର ପଟକ ଅଣ୍ଡା ଉଷୁମଉ ଉଷୁମଉ ତାକୁ ତା ଅଣ୍ଡା ସହିତ ମାଟିରେ ପୋତି ଦିଆ ଯାଇନି ତ। ମନଦୁଃଖରେ ଫାଟି ପଡୁଥିଲା ବେଳେ ସୁନ୍ଦର ଭଦଭଦଳିଆ ପକ୍ଷୀଟା ଖଣ୍ଡି ଉଡ଼ା ଦେଇ ଦେଇ ବୋବେଇ ଚାଲିଥିଲା। ପୁଅ ସରୋଜ ଡାକରେ ପ୍ରକୃସ୍ଥିତ ହେଲେ ସୁଭଦ୍ରା। ସ୍ୱାମୀ ଆଦିକନ୍ଦ ମଧ୍ୟ ବିରକ୍ତ ହେଉଥିଲେ ଯେ ପକ୍ଷୀ ଦେଖା ନିଶା ଅନ୍ତତଃ କିଛି ଦିନ ଘୁଞ୍ଚାଇ ଦିଅ। ହେଲେ ଏଠି ବେଲୁର ମଠ ରେ ଶୁଆ ଡାକୁଥିଲା ସତେ ଯେମିତି ସୁଭଦ୍ରାଙ୍କୁ ତ ବାହାରେ ତାଙ୍କ ସ୍ୱର ଅନୁକରଣ କରି ସେମାନଙ୍କୁ ଦେଖିବାକୁ ଠାବ କରୁଥିଲେ ସୁଭଦ୍ରା।

ବେଲୁର ମଠ ବାହାରେ ସୁଭଦ୍ରା ବସିଥିବା ସ୍ଥାନରେ ଏବେ ପରିବାରର ସମସ୍ତ ସଦସ୍ୟ ଆସି ଘେରି ଜମେଇଥିଲେ। ଫଟୋ ଉଠା ବେଳେ ସମସ୍ତେ ସୁନ୍ଦର ମନୋମୁଗ୍ଧକର ଫଟୋ ପାଇଁ ପୋଜ ଦେଇ ଚାଲିଥିଲା ବେଳେ ସୁଭଦ୍ରା ଶୁଆ ସନ୍ଧାନ କରୁ କରୁ ଉପରମୁହାଁ ହୋଇ କେତେବେଳେ ଗଛ ତ କେତେବେଳେ ଆକାଶ କୁ ଚାହିଁଲା ବେଳେ ତିନି ଗୋଟି ଶୁଆ ଦେଖି ଓ ସେମାନଙ୍କ ଚକ୍କର କାଟି ଉଡୁଥିବା ଦେଖି ମୁଗ୍ଧ ହୋଇ ଆକାଶ କୁ ଚାହିଁ ଥିବା ବେଳେ ସ୍ନାପ ନେଉଥିଲା ପୁଅ ଆଉ ବିରକ୍ତ ହେଉଥିଲା ମାଆ ଉପରେ ଯେ ଉପରକୁ ମୁହଁ କରିବୁ ତ ତୋ ଫଟ ଭଲ ହେଇନି ବୋଲି କହିବୁନି। ଫଟୋ ଗୁଡିକରେ କିନ୍ତୁ ଶୁଆ ଉଡୁଥିବାର ଚିତ୍ର ଦେଖି ବାବା ସୁନ୍ଦର ବିଉଟିଫୁଲ ପ୍ୟାରଟ ପ୍ୟାରଟ କହୁଥିବା ବେଳେ ସୁଭଦ୍ରା ଖୁବ ଖୁସି ହୋଇ କହୁଥିଲେ ସୁନ୍ଦର ସ୍ନାପ। ଫେରିବା ବେଳେ ବାଟ ସାରା ପକ୍ଷୀ ଅନ୍ୱେଷଣ ଚାଲିଥିଲା ସୁଭଦ୍ରାଙ୍କର। ଏମିତି ସେ ଝିଅ ଘରେ ଜୋଇଁ ଙ୍କ କ୍ୱାଟର ଆଗରେ ଥିବା ବିରାଟ ବିରାଟ ଗଛ ଡ଼ାଳ ରେ ସୁନ୍ଦର ସୁନ୍ଦର ପକ୍ଷୀ ଅନ୍ୱେଷଣ କରୁ କରୁ ଝିଅର ଶାଶୁ ବା ସୁଭଦ୍ରାଙ୍କ ସମୁଦୁଣୀ କହନ୍ତି କଣ ସେ ଉଚ୍ଚା ଉଚ୍ଚା ଗଛରେ ଅଛି କେଜାଣି ବାଲକୋନି ଉପରୁ ସେଇ ଗଛକୁ ଚାହିଁଛନ୍ତି ସମୁଦୁଣୀ ! ଝିଅ ତାଙ୍କ ଅନ୍ୱେଷଣ ପ୍ରଶ୍ନର ସୁନ୍ଦର ଉତ୍ତର ଦିଏ ସେ ପରା ଗୋଟେ ବାର୍ଡ ୱାଚର ତ ସମୁଦୁଣୀ କହନ୍ତି ସତରେ ଭାରି ନିରୀହ ଓ କୋମଳ ତଥା ସୁନ୍ଦର କାକଳୀ ତୋଳୁଥିବା ଏ ପକ୍ଷୀ କୂଳ ଭାରି ସୁନ୍ଦର।

ଏପଟେ ଟ୍ୟାକ୍ସି ଲାଗିଯାଇଥିଲା ଯାତ୍ରାଗୋଛି ଆପାର୍ଟମେଣ୍ଟ ରେ। ଟିକି ନାତି କୁଆଡେ ଗଲା ଦେଖିଲା ବେଳକୁ ସୁନ୍ଦର ସୁନ୍ଦର ଅଣ୍ଡା ଦୁଇଟି ଧରି ଠିଆ ହୋଇଛି। କୋଉଠୁ ପାଇଲୁ ବାବା କହି ବୋହୂ ସେ ଅଣ୍ଡା ଦୁଇଟି ତା ହାତରୁ ସଂଗ୍ରହ କରିନେଇ କହୁଥିଲା କି ସୁନ୍ଦର ଇଷତ ନୀଳ ଅଣ୍ଡା ଦୁଇଟି କାହାର କେଜାଣି। ସୁଭଦ୍ରା ଏଥର କିଛି ଦୂରରେ ଛାତ ଉପରେ ବସି ବୋବାଳି ଛାଡୁଥିବା ଭଦଭଦଳିଆ କୁ ଦେଖେଇ କହୁଥିଲେ ଏହା ନୀଳକଣ୍ଠିର। ସୁଭଦ୍ରା ଙ୍କ ଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ପୁଅ ସରୋଜ ଓ ବୋହୂ ରୋଜା ଦୁହେଁ ମିଶି ଅନଲାଇନ ରୁ ମଗେଇଥିବା ପିଆଜ, ରସୁଣ, ଟମାଟ ଓ ଅନ୍ୟାନ୍ୟ ମୁଣି ସହିତ କାଗଜ ବ୍ୟାଗର ଛିଣ୍ଡା କାଗଜଚିରି ତିଆରି କରିଥିଲେ ସୁନ୍ଦର ପକ୍ଷୀବସା ବା ଘୋଷଲା ଆଉ ସେଇଟିକୁ ରଖିଦେଇଥିଲେ ଆଦିକନ୍ଦ ଓ ସୁଭଦ୍ରା ରହୁଥିବା ରୁମ ସଂଲଗ୍ନ ଥିବା ଖୋଲା ଝରକା ର ବାହାର ପଟ କାନ୍ଥି ରେ। ସକାଳୁ ନିଦ ଭାଙ୍ଗିଥିଲା ଡେରିରେ ସୁଭଦ୍ରାଙ୍କର। ଉଠୁ ଉଠୁ ହାତ ପାପୁଲି ଦେଖି କହିବାକୁ ଭୁଲି ଯାଇଥିଲେ କରାଗ୍ରେ ବସତି ଲକ୍ଷ୍ମୀ. । କର ମଧ୍ୟେ ସରସ୍ୱତୀ.. । କରମୂଳେ ତୁ ଗୋବିନ୍ଦ. । ପ୍ରଭାତେ କର ଦର୍ଶନ। ବରଂ ଖୋଜୁଥିଲେ ଚଷମା। ଶୁଭୁଥିବା ଭଦଭଦଳିଆ ପକ୍ଷୀ ଦେଖିବାକୁ ଝରକା ସେପଟେ ସୁଦୂର ପ୍ରସାରୀ ଆଖି ମେଲି ଦେଖିବାକୁ ଚେଷ୍ଟା କରୁଥିଲେ ପଟେ ନା ଦିପଟ ସେଇ ନୀଳକଣ୍ଠି !ପୁଣି ଗୋଟିକୁ ଦେଖି ମନ ଖରାପ ହୋଇ ଯାଉଥିବା ବେଳେ ନଜର ପଡିଲା ଝରକା କାନ୍ଥି ରେ ଥିବା ପକ୍ଷୀ ଘୋଷାଲା ଉପରେ ତ କି ଖୁସି ସୁଭଦ୍ରା !ନାଚୁଥିଲେ ଯେମିତି। କାରଣ ଅଣ୍ଡା ଦୁଇଟି ଉପରେ ବସି ରହିଥିଲା ଆର ପଟକ ଭଦଭଦଳିଆ ବା ନୀଳକଣ୍ଠି ପକ୍ଷୀ। ସୁଭଦ୍ରାଙ୍କ ସହ ନାଚୁଥିଲା ନାତି କହି କହି ସୁନ୍ଦର ସୁନ୍ଦର ନିଳକଣ୍ଠି ପକ୍ଷୀ ଛୁଆ। କଣ ବୁଝୁଥିଲା କେଜାଣି ଯାହା ସବୁ ଶୁଣୁଥିଲା ସେହି ଅନୁଯାୟୀ କହୁଥିଲା ଟିକି ନାତି ଖନେଇ ଖନେଇ ଏମିତି କିଛି.ତା ଆରଦିନ ସ୍କୁଲରୁ ତାକୁ ଆଣିବାକୁ ଗଲେ ବୋହୂ ଅର୍ଥାତ ବାବାର ମାଆ ରୋଜା ଓ ମାମା ଜେଜେ ଅର୍ଥାତ ବାବାର ଜେଜେମାଆ ସୁଭଦ୍ରା ତ ମିସ ଡାକିକି କହିଲେ ବାବା କେଡେ ସୁନ୍ଦର ମନେରଖି ନାସନାଲ ବାର୍ଡ କହିଲେ ପିକକ କୁ ଦେଖେଇ ଦେଉଥିଲା ଆଜି ପିକକ ବା ମୟୁର ଦେଖି କହୁଥିଲା କି ସୁନ୍ଦର ନୀଳକନ୍ଥି କି ସୁନ୍ଦର ନିଳକନ୍ଥି। ଶାଶୁ ସୁଭଦ୍ରା ଓ ବୋହୂ ରୋଜା ପରସ୍ପର ପରସ୍ପର ମୁହଁକୁ ଚାହୁଁଥିଲେ କେବଳ .ବାବା ସହ ଅଟୋ ରେ ବସିବା ବେଳେ ସେ କହୁଥିଲା ସୁନ୍ଦର ପକ୍ଷୀ ସୁନ୍ଦର ପକ୍ଷୀ। ଦେଖିଲା ବେଳକୁ ରାସ୍ତା ଦୁଇପାଖେ ଯାଇଥିବା ଇଲେକ୍ଟ୍ରି କେଭି ତାର ଉପରେ ନୀଳକଣ୍ଠି ପକ୍ଷୀଟିଏ ବସିଛି। ଏ ଭିତରେ ପକ୍ଷୀବସା ସହ ପକ୍ଷୀ ଦୁଇଟି କିନ୍ତୁ ଝରକା କାନ୍ଥରୁ ଅନ୍ୟ କୁଆଡେ ଚାଲିଯାଇଥିଲେ।

ସ୍ତ୍ରୀ ସୁଭଦ୍ରା ଙ୍କ ପାଖରେ ନିଶ୍ଚୟ ଗୋଟେ ମ୍ୟାଜିକ ବୋତଲ ଥିଲା ବୋଲି ସ୍ୱାମୀ ଆଦିକନ୍ଦ ବାବୁ ସୁଭଦ୍ରାଙ୍କୁ ବେଳେ ବେଳେ ଇର୍ଷା କରୁଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ସୁଭଦ୍ରାଙ୍କ ନିଜ ଯଶ, କ୍ଷାତି ତଥା ସୁଖ୍ୟାତିର ଶ୍ରେୟ ସେ କେବେ ସ୍ୱାମୀଙ୍କୁ ଦେଇନାହାନ୍ତି। ନିଜ ବାପାଙ୍କୁ ସବୁବେଳେ ଶ୍ରେୟ ଦେଉଥିବା ସୁଭଦ୍ରାଙ୍କ ପାଇଁ ଏକଥା ସତ ଥିଲେ ମଧ୍ୟ ଆଦିକନ୍ଦ ବାବୁଙ୍କ ସାହଚର୍ଯ୍ୟ ବିନା କିଛି କରିବାକୁ କେବେ ବି ସାହାସ କରିନାହାଁନ୍ତି। ଏମିତିକି ତାଙ୍କ ହାତ ତିଆରି ବଗିଚାରେ ଥିବା ପ୍ରତିଟି ଫୁଲଗଛରେ ଆଦିକନ୍ଦ ବାବୁଙ୍କ ହାତ। ପ୍ରତିଟି ଗଛ ମଧ୍ୟ ଆଦିକନ୍ଦ ଙ୍କ ସୁନିର୍ବାଚିତ ଚାରା କିନ୍ତୁ ବଗିଚା ସବୁ ସୁଭଦ୍ରାଙ୍କ ନାମ ଜପୁଥାଆନ୍ତି। ଗଛରେ ବସୁଥିବା ଛୋଟ ଓ ବଡ଼ ପକ୍ଷୀ ସୁଭଦ୍ରାଙ୍କ ନାମ ଘୋଷୁଥାଆନ୍ତି ଯେମିତି .ପକ୍ଷୀ କାକାଳୀରେ ସତେ ଯେମିତି ସୁଭଦ୍ରା ବୋଲି ଡାକୁଥାଆନ୍ତି। ଘରକୁ ଯିଏ ଆସିଲେ ସୁଭଦ୍ରାଙ୍କୁ ପ୍ରଶଂଶା କରନ୍ତି। ଆଦିକନ୍ଦ ଭାବନ୍ତି ପ୍ରତିଟି ଗଛ ଚାରା ଓ ଫୁଲ ଗଛ ଚାରା ମଧ୍ୟ ସେ ଆଣିଛନ୍ତି କିନ୍ତୁ ଘରକୁ ଯିଏ ଆସିଲେ ସେ ସୁଭଦ୍ରାଙ୍କ ଗୁଣ ଗାନ କରୁଥାନ୍ତି। ଆଦିକନ୍ଦ ଙ୍କ ଜ୍ଞାନ ଗୁଣ ଓ ପରୋପକାର ଭୁଲି ଲୋକେ ସୁଭଦ୍ରାଙ୍କୁ ପ୍ରଶଂସା କରୁଥାନ୍ତି ଓ ଆଦିକନ୍ଦ ବେଳେ ବେଳେ ବିଚଳିତ ହୋଇପଡିଲେ ମଧ୍ୟ ଭାବନ୍ତି ପ୍ରକୃତରେ ସୁଭଦ୍ରାଙ୍କ ଦ୍ୱାରା ପ୍ରକାଶିତ ଗଳ୍ପ, ଉପନ୍ୟାସ, କବିତା, ଶିଶୁଗଳ୍ପ, ଶିଶୁ କବିତା ତଥା ପ୍ରବନ୍ଧ ର ଗୋଟେ ନିଆରା ଧାରା ଅଛି ବୋଲି କିନ୍ତୁ ମାନିଥାଆନ୍ତି ସ୍ୱାମୀ ଆଦିକନ୍ଦ। ପତ୍ରିକା ଓ ପେପର ସବୁରେ ବାହାରୁଥିବା ଲେଖା ପଢି ପ୍ରସଂଶକ ମାନଙ୍କ ସୁଅ ଛୁଟେ ଘରକୁ। ଆଉ ଏବେ ସୁଭଦ୍ରାଙ୍କ ଆବର୍ତ୍ତମାନ ପରେ ଖାଲି ପ୍ରସଂଶକ ନୁହଁନ୍ତି ସୁଭଦ୍ରାଙ୍କ ଶେଷ ଲେଖା ସବୁକୁ ପ୍ରକାଶ କରିବାକୁ ପ୍ରକାଶକ ମାନଙ୍କ ଭିଡ଼ ମଧ୍ୟ ଜମିଯାଏ ଘରେ ତ ଆଦିକନ୍ଦ ବାବୁ କାହାକୁ କହନ୍ତି ଖୋଜୁଛି ପାଇନି ପାଇଲେ ଜଣେଇବି। କାହାକୁ କହନ୍ତି ସୁଭଦ୍ରାଙ୍କ ଏତେ ଅପ୍ରକାଶିତ ପାଣ୍ଡୁଲିପି ସବୁ ଭିତରେ ଶେଷ ଲେଖା ସବୁ କୋଉ ଗୁଡିକ କେମିତି ଜାଣିବି !ପୁଣି କାହାକୁ କହନ୍ତି ବୋଧହୁଏ କୋଉଠି ଫାଇଲ କରି ରଖିଛନ୍ତି ମିଳିନି.ମିଳିଲେ ଜଣେଇବି। ଗୋଟେ କଥା କିନ୍ତୁ ନିଶ୍ଚିନ୍ତ ଥିଲା ଯେ ମୃତ୍ୟୁର କିଛି ଦିନ ପୂର୍ବରୁ ପୁଅ ପାଖକୁ କଲିକତା ବୁଲି ଆସିଥିଲେ ସୁଭଦ୍ରା ଓ ସ୍ୱାମୀ ଆଦିକନ୍ଦ। ସେଠାରେ ଥିଲାବେଳେ ଅନେକ ଲେଖା ସେ ଲେଖିଥିଲେ ମ୍ୟାଜିକ ବୋତଲ ଉପରେ। କବିତା, ଗଳ୍ପ ଗୁଡିକ ଏକାଠି କରି ଟିକି ନାତି ବାବା କୁ ଆଖିରେ ରଖି, ତା ମନସ୍ତତ୍ୱ କୁ ପଢି ନେଇ ତଥା ତା ସହ ଇକୋ ପାର୍କକୁ ଯାଇ ପୃଥିବୀର ସପ୍ତାଶ୍ଚର୍ଯ୍ୟ ସେଠାରେ ଦେଖିବା ସହ ଛୋଟ ପିଲାଙ୍କ ସ୍ନେହ, ସରଳତା, ଅଭିମାନ ଓ ଅଭିଯୋଗ ତଥା ନିଷ୍କପାଟ ଗୁଣ ସବୁ କୁ ନେଇ ଅନେକ ଗଳ୍ପ ଓ କବିତା ଲେଖି ସୁଭଦ୍ରା ଭାବିଥିଲେ ଓଡିଶା ଫେରିଲେ ପ୍ରକାଶ କରିବେ ବହିଟିଏ। ସେହି ବହିର ନାମ କଣ ମ୍ୟାଜିକ ବୋତଲ ରଖିବ ନା କଣ ବୋଲି ପଚାରିଥିଲେ। ତୁମ ଲେଖା ସବୁ ତ ମ୍ୟାଜିକ ବୋତଲ ପରି ତେବେ ମ୍ୟାଜିକ ବୋତଲ କାହିଁକି ନୁହଁ ବୋଲି ପଚାରିଥିଲେ ଆଦିକନ୍ଦ ତ ସୁଭଦ୍ରାଙ୍କ ସେମିତି ପୂର୍ବ ଭଳି ଉତ୍ତର ଥିଲା ଯେ ମୋ ବାପାଙ୍କ ଠାରୁ ଯାହା ଶିଖିଛି ତାହା ସରିବା ପରେ ତମଠୁ ଛିଣ୍ଡି ନେବି। ଏବେ କିନ୍ତୁ ତାଙ୍କ ଆବର୍ତ୍ତନ ପରେ ସେହି ଅପ୍ରକାଶିତ ଲେଖା ସବୁକୁ ସ୍ମୃତିଗୁଚ୍ଛ କରି ଛାତିରେ ଚାପି ଧରି ଆଦିକନ୍ଦ କିଛି ଆଘ୍ରାଣ କରନ୍ତି। ସେ ଯେତିକି ଦୂରେଇ ଗଲେ ବି ସୁଭଦ୍ରା ତାଙ୍କୁ ହରେଇ ଦେଇ ବିଜୟିନୀ ହୋଇ ଯାଇଛନ୍ତି ଏକଥା ଆଜି ହୃଦୟଙ୍ଗମ କରି ସେହି ଶେଷଲେଖା ସବୁକୁ ପ୍ରାଣପ୍ରିୟା ପତ୍ନୀଙ୍କ ଠାରୁ ମଧ୍ୟ ଅଧିକ ଲାଗୁଥିଲା ଆଦିକନ୍ଦଙ୍କୁ। ନଥିଲା ମାନ କି ଅଭିମାନ। ପ୍ରକାଶକ ମାନେ କିଏ କଣ ଭାବୁଥିଲେ। ଭାବ ପୂର୍ଣ୍ଣ ଗଳ୍ପ ଓ କବିତା ତଥା ଶିଶୁଗଳ୍ପ ଗୁଡିକ ନପାଇ ଅବିଶ୍ୱାସ ଆଖିରେ ଆଦିକନ୍ଦବାବୁଙ୍କୁ ଦେଖୁଥିଲେ ହେଲେ ପୁଅ ସେସବୁର କପି ରଖି କଲିକତାରୁ ପ୍ରକାଶିତ କରିଆଣିଥିଲା ପୁସ୍ତକ କେଇଟି ଯାହାର ନାମ ଥିଲା ମ୍ୟାଜିକ ବୋତଲ.ସେ ବହି ପଢି ସମସ୍ତେ କହୁଥିଲେ ସୁଭଦ୍ରା ନିଜେ ଗୋଟେ ମ୍ୟାଜିକ ବୋତଲ ଥିଲେ। ସେ ମରି ମଧ୍ୟ ଅମର.ହଠାତ ସୁଭଦ୍ରାଙ୍କ ହାତ ଲଗା ଫୁଲ ଗଛ ରେ ନୀଳକଣ୍ଠି ପକ୍ଷୀ ଦୁଇଟି ଦେଖି ଆନମନା ହୋଇ ଯାଉଥିଲେ ଆଦିକନ୍ଦ ବାବୁ। ତାଙ୍କ ପାଟିରୁ ବାହାରି ପଡୁଥିଲା ସୁନ୍ଦର ତୃପ୍ତିର ଅବସାଦ ନାହିଁ। ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

# ବାସୁଦେବ ସୁଢଳ ଦେବ



ସମ୍ବଲପୁର ମାଟିର ଗର୍ବ ତୁମେ,
ବାମଣ୍ଡାର ଦୀପ୍ତ ଇତିହାସ,
ଜ୍ଞାନର ଜ୍ୱାଳା ଜଗାଇଥିଲ
ସାର ବାସୁଦେବ ସୁଢଳ ଦେବ।
ବସିଥିଲେ ରାଜ ସିଂହାସନେ,
କିନ୍ତୁ ମନ ଥିଲା ଜନତା ପାଖେ,
ଶିକ୍ଷାର ସୂର୍ଯ୍ୟ ଉଦୟକରି
ଆଲୋକ ଭରିଦେଲେ ଗାଁ ଗାଁ ମଧ୍ୟେ।
ସଂସ୍କୃତିର ସୁଗନ୍ଧ ଛଡ଼ାଇ
ଓଡ଼ିଆ ଭାଷାକୁ କଲେ ମହାନ,
କଳା, ସାହିତ୍ୟ, ବିଜ୍ଞାନ ପଥେ
ଖୋଲିଦେଲେ ନୂଆଁ ନୂଆଁ
ଦିଗନ୍ତର ଆହ୍ୱାନ।
ପ୍ରଜାଙ୍କ ଦୁଃଖେ ଦୁଃଖୀ ହୋଇ
ଦେଇଥିଲେ ସ୍ନେହର ଛାୟା,
ନମ୍ରତାରେ ଥିଲା ତୁମର ଶକ୍ତି
ସତ୍ୟରେ ଥିଲା ଜୀବନ ଗଢ଼ା।
ବାମଣ୍ଡା ମାଟି ଗର୍ବେ କହେ –
'ଏମିତି ରାଜା କେଉଁଠି ଆଉ ?'
ସତ୍ୟ, ସେବା, ଜ୍ଞାନର ଦୀପ
ତୁମେ ଆମ ହୃଦୟର ଠାଉ।
ସମୟ ଯାଏ, ଯୁଗ ବଦଳେ
ତୁମ କୀର୍ତ୍ତି ଆଜି ଅମର,
ନାମ ଶୁଣିଲେ ସୁଢଳ ଦେବ
ଓଡ଼ିଶା ହୁଏ ଧନ୍ୟ ଆମର।
ଆଜି ମଧ୍ୟ ବାମଣ୍ଡା ପବନେ
ଶୁଣାଯାଏ ତୁମର ଗାଥା,
ଓଡ଼ିଶା ମାଟି ଗାଉଛି ଗୀତ –
'ସୁଢଳ ଦେବ ଆମର ଗର୍ବ,
ଆମର ପଥଦାତା'।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼

# ପ୍ରତୀକ୍ଷା

ନିଦୁଆ ଝର୍କା ଫାଙ୍କରେ
ଜୁଡୁବୁଡୁ ସ୍ୱପ୍ନ ଓ ଆଖି
ପ୍ରତୀକ୍ଷା ମୋ ଖୋଲା
ଦେହ ସାରା।
କିଛି ଲୋଡ଼ା ପଣରେ
ରାତିକୁ ଆଢ଼େଇ ନେଇ
ସ୍ମୃତି ସାଉଁଟିବାର ବେଳ
ହାତ ପାହାନ୍ତରୁ
କେବେ ଦୂରେଇ ଗଲେ ତୁମେ
ମନ କାନ୍ଦେ ହୃଦୟ
ଚିତ୍କାର ଦିଏ
ଆଖି ବି ଝରେ।

**କିରଣ ମନୀଷା ମହାନ୍ତି**
ରେଞ୍ଚ, ପୁରୀ

ଜାତୀୟ ଚେତନା
JATIYA CHETANA



# ପ୍ଲେଅଫ୍‌ରେ ରାଜସ୍ଥାନ ରୟାଲ୍ସ

ମୁମ୍ବାଇ,(ଏଜେନ୍ସି): ଆଇପିଏଲ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୩୦ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଅନ୍ତିମ ଟିମ୍ ଭାବେ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ୮ ୱିକେଟ୍‌ରେ ୨୦୫ ରନ୍ କରିଥିଲା। ଜବାବରେ ମୁମ୍ବାଇ ଟିମ୍ ୯ ୱିକେଟ୍ ହରାଇ ୧୭୫ ରନ୍ କରିବାକୁ ସମର୍ଥ ହୋଇଥିଲା।



ଏହି ବିଜୟ ସହିତ ଆଇପିଏଲ୍ ୨୦୨୬ରେ ଟପ୍-୪ ଟିମ୍ ସ୍ଥିର ହୋଇଛି। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିଛନ୍ତି। ମେ' ୨୬ରେ ଖେଳାଯିବାକୁ ଥିବା କ୍ୱାଲିଫାୟର୍-୧ରେ ବେଙ୍ଗାଲୁରୁ ଓ ଗୁଜରାଟ ମୁହାଁମୁହିଁ ହେବେ। ସେହିପରି ମେ' ୨୭ ତାରିଖର ଏଲିମିନେଟର୍‌ରେ ହାଇଦ୍ରାବାଦ ଓ ରାଜସ୍ଥାନ ମଧ୍ୟରେ ଲଢ଼େଇ ହେବ।

୨୦୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇର ଆରମ୍ଭ ବହୁ ଖରାପ ଥିଲା ଏବଂ ରୋହିତ ଶର୍ମା ଖାତା ମଧ୍ୟ ଖୋଲିପାରି ନଥିଲେ। ରିୟାନ୍ ରିକେଲ୍‌ଟନ୍ ୧୨ ରନ୍ କରିଥିବା ବେଳେ ନମନ ଧୀର ୬ ରନ୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ଏପରିକି ଟିମ୍ ପାୱାର୍‌ପ୍ଲେ ମଧ୍ୟରେ ମାତ୍ର ୩୮ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଏହାପରେ ସୂର୍ଯ୍ୟକୁମାର ଯାଦବ ଇନିଂସ୍ ସମ୍ଭାଳି ୱିଲ୍ ଜ୍ୟାକ୍ସଙ୍କ ସହ ୫ମ ୱିକେଟ୍ ପାଇଁ ୬୩ ଏବଂ ୬ଷ୍ଠ ୱିକେଟ୍ ପାଇଁ କ୍ୟାପ୍ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୪୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର ଲଗାତାର ୱିକେଟ୍ ପତନ ଫଳରେ ଟିମ୍ ବିଜୟଠାରୁ ଦୂରେଇ ଯାଇଥିଲା। ସୂର୍ଯ୍ୟକୁମାର ୪୨ ବଲ୍‌ରେ ସର୍ବାଧିକ ୬୦ ରନ୍ କରିଥିଲେ। ଏହା ବ୍ୟତୀତ ହାର୍ଦ୍ଦିକ ୩୪, ୱିଲ୍ ଜ୍ୟାକ୍ସ ୩୩ ରନ୍‌ର ଯୋଗଦାନ ଦେଇଥିଲେ। ଶାର୍ଦ୍ଦୁଳ ଠାକୁର ୧୦ ରନ୍‌ରେ ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ସର୍ବାଧିକ ୩ଟି, ନାନ୍ଦ୍ରେ ବର୍ଗର୍, ବ୍ରିଜେଶ ଶର୍ମା ଓ ଯଶ୍ ରାଜ ପୁଞ୍ଜା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ପକ୍ଷରୁ କୌଣସି ବ୍ୟାଟର୍ ଅର୍ଦ୍ଧଶତକ ମଧ୍ୟ କରିପାରି ନଥିଲେ। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୪ ରନ୍‌ରେ ଆଉଟ୍ ହୋଇଥିବା ବେଳେ ତାଙ୍କ ଓପ୍ନିଂ ପାର୍ଟନର୍ ଯଶସ୍ୱୀ ଜୟସ୍ୱାଲ୍ ୨୭ ରନ୍ କରିଥିଲେ। ଧ୍ରୁବ ଜୁରେଲ୍ ସର୍ବାଧିକ ୩୮ ରନ୍‌ର ଇନିଂସ୍ ଖେଳିଥିବା ବେଳେ ଜୋଫ୍ରା ଆର୍ଚର୍ ଦ୍ରୁତ ୩୨ ରନ୍‌ର ଯୋଗଦାନ ଦେଇଥିଲେ। କ୍ୟାପ୍ଟେନ୍ ରିୟାନ୍ ପରାଗ ୧୪, ଦାସୁନ୍ ଶନାକା ୨୯, ଡୋନୋଭାନ୍ ଫେରେରା ୧୮, ରବୀନ୍ଦ୍ର ଜାଡ଼େଜା ଅପରାଜିତ ୧୯ ରନ୍ କରି ଟିମ୍‌ର ସ୍କୋର୍ ୨୦୫ ରନ୍‌ରେ ପହଞ୍ଚାଇଥିଲେ। ମୁମ୍ବାଇ ପକ୍ଷରୁ ଦୀପକ ଚହର ଓ ଶାର୍ଦ୍ଦୁଳ ଠାକୁର ୨-୨ ୱିକେଟ୍ ନେଇଥିବା ବେଳେ ୱିଲ୍ ଜ୍ୟାକ୍ସ, ଏଏମ୍ ଗଜନଫର୍, କବିନ୍ ବଶ୍‌ଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା।

## ଇତିହାସ ରଚିଲେ ଗୁଲବୀର ସିଂହ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ଲଙ୍ଗ୍ ଡିଷ୍ଟାନ୍ସ ରନର୍ ଗୁଲବୀର ସିଂହ ଆଉ ଏକ ଚମତ୍କାର ପ୍ରଦର୍ଶନ କରି ନୂଆ ଇତିହାସ ରଚିଛନ୍ତି। ଲସ୍ ଏଞ୍ଜେଲ୍ସରେ ଆୟୋଜିତ ଟ୍ରାକ୍ ଫେଷ୍ଟିଭାଲ୍‌ରେ ଗୁଲବୀର ପୁରୁଷ ୫୦୦୦ ମିଟର ସୌଡ଼ରେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିବା ସହିତ ରୌପ୍ୟ ପଦକ ଜିତିଛନ୍ତି। ଗୁଲବୀର ୧୩ ମିନିଟ୍ ୦୩.୯୩ ସେକେଣ୍ଡ୍ ସମୟ ସହ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ସେ ୨୦୨୪ ସେପ୍ଟେମ୍ବରରେ ଜାପାନରେ ସ୍ଥାପନ କରିଥିବା ନିଜ ପୁରୁଣା ଜାତୀୟ ରେକର୍ଡ (୧୩:୧୨.୮୨ ସେକେଣ୍ଡ)କୁ ପଛରେ ପକାଇ ଦେଇଛନ୍ତି। ଏହି ଇଭେଣ୍ଟ୍‌ରେ ଇରିଟ୍ରିଆର ହବଟୋମ ସାମୁଏଲ୍ ୧୨:୫୭.୨୨ ସେକେଣ୍ଡ୍ ସମୟ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଗୁଲବୀର ଏବେ ଆମେରିକାର କୋଲୋରାଡ଼ୋ ସ୍ପ୍ରିଙ୍ଗସରେ ଟ୍ରେନିଂ କରୁଛନ୍ତି। ସେ ୩୦୦୦ ମିଟରରୁ ନେଇ ୨୫ କିଲୋମିଟର ରେସ୍‌ରେ ବହୁ ଜାତୀୟ ରେକର୍ଡ ନିଜ ନାମରେ କରିସାରିଛନ୍ତି। ତାଙ୍କ ନାମରେ ୩୦୦୦ ମିଟର, ୫୦୦୦ ମିଟ ଏବଂ ୧୦୦୦୦ ମିଟରର ଜାତୀୟ ରେକର୍ଡ ରହିଛି। ଏହା ବ୍ୟତୀତ ୫୦୦୦ ଏବଂ ୧୦୦୦୦ ମିଟରରେ ସେ ବର୍ତ୍ତମାନର ଏସୀୟ ଚାମ୍ପିଅନ୍ ମଧ୍ୟ। ୨୦୨୫ ଏସୀୟ ଆଥ୍ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଏହି ଉଭୟ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ସେନାରେ ନାଏବ ସୁବେଦାର ଥିବା ଗୁଲବୀର ଏବେ ଜୁଲାଇରେ ହେବାକୁ ଥିବା ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ସେପ୍ଟେମ୍ବରରେ ଏସିଆନ୍ ଗେମ୍ସରେ ପଦକ ଜିତିବା ଉପରେ ନଜର ରଖିଛନ୍ତି।

## ୧୦୦ ମିଟରରେ ଗୁରିନ୍ଦରବୀର ଦ୍ରୁତତମ

ରାଞ୍ଚି,(ଏଜେନ୍ସି): ଜାତୀୟ ସିନିୟର୍ ଫେଡେରେସନ୍ ଆଥ୍ଲେଟିକ୍ସର ଦ୍ୱିତୀୟ ଦିନରେ ଭାରତୀୟ ଆଥ୍ଲେଟିକ୍ସ ଇତିହାସ ରଚିଛି। ପୁରୁଶ ୧୦୦ ମିଟର ଦୌଡ଼ରେ ଗୁରିନ୍ଦରବୀର ସିଂହ ଚମତ୍କାର ପ୍ରଦର୍ଶନ କରି ନୂଆ ଜାତୀୟ ରେକର୍ଡ ସ୍ଥାନ କରିଥିବା ବେଳେ ୪୦୦ ମିଟରରେ ବିଶାଳ ଟିକେ ୪୫ ସେକେଣ୍ଡରୁ କମ୍ ସମୟରେ ଦୌଡ଼ ପୂରା କରିବାରେ ପ୍ରଥମ ଭାରତୀୟ ଆଥ୍ଲେଟ୍ ହୋଇଛନ୍ତି। ମାତ୍ର ୩୦ ମିନିଟ୍ ମଧ୍ୟରେ ଦୁଇଟି ଜାତୀୟ ରେକର୍ଡ ଭଙ୍ଗ ହେବା ଫଳରେ ଟୁର୍ଣ୍ଣାମେଣ୍ଟ୍‌ର ଦ୍ୱିତୀୟ ଦିନ ସ୍ମରଣୀୟ ହୋଇଛି।

ପଞ୍ଜାବର ଷ୍ଟାର୍ ସ୍ପ୍ରିଣ୍ଟର୍ ଗୁରିନ୍ଦରବୀର ସିଂହ ପୁରୁଷ ୧୦୦ ମିଟର ଫାଇନାଲ୍ ରେସ୍‌ରେ ୧୦.୦୯ ସେକେଣ୍ଡ୍‌ର ସମୟ ନେଇ ନୂଆ ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। ଏହା ସହିତ ସେ ୧୦.୧୦ ସେକେଣ୍ଡ୍‌ରୁ କମ୍ ସମୟରେ ରେସ୍ ପୂରା କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି। ସେ ନିଜ ପ୍ରତିଦ୍ୱନ୍ଦ୍ୱୀ ଅନିମେଷ କୁଜୁରଙ୍କ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଅନିମେଷ ଶୁକ୍ରବାର ସେମିଫାଇନାଲ୍‌ରେ ୧୦.୧୫ ସେକେଣ୍ଡ୍‌ରେ ଦୌଡ଼ ଇତିହାସ ରଚିଥିଲେ। ମାତ୍ର ଫାଇନାଲ୍‌ରେ ଗୁରିନ୍ଦବୀର ତାଙ୍କଠାରୁ ମଧ୍ୟ ଦ୍ରୁତ ଗତିରେ ଦୌଡ଼ି ଇତିହାସ ରଚିଛନ୍ତି। ଅନିମେଷ (୧୦.୨୦ ସେକେଣ୍ଡ) ଦ୍ୱିତୀୟ ଏବଂ ପ୍ରଣବ ଗୁରବ (୧୦.୨୯ ସେକେଣ୍ଡ୍) ତୃତୀୟ ହୋଇଛନ୍ତି। ଗୁରୁନ୍ଦରବୀରଙ୍କ ୧୦.୦୯ ସେକେଣ୍ଡ୍ ସମୟ ଚଳିତ ସିଜନ୍‌ରେ ଏସିଆର ଦ୍ୱିତୀୟ ଦ୍ରୁତତମ ସମୟ ମଧ୍ୟ। ତାଙ୍କ ଆଗରେ କେବଳ ଜାପାନର ଯୁବ ଧାବକ ଫୁକୁଟୋ କୋମୁରୋ ଅଛନ୍ତି। କୋମୁରୋ ୧୦.୦୮ ସେକେଣ୍ଡ୍ ସମୟରେ ୧୦୦ ମିଟର ଦୌଡ଼ ପୂରା କରିଥିଲେ। ତାମିଲନାଡୁର ବିଶାଳ ଟିକେ ପୁରୁଷ ୪୦୦ ମିଟରରେ ୪୪.୯୮ ସେକେଣ୍ଡ୍ ସମୟ ସହ ନୂଆ ଜାତୀୟ ରେକର୍ଡ କରିଛନ୍ତି। ୪୫ ସେକେଣ୍ଡ୍‌ରେ ଦୌଡ଼ ପୂରା କରିବାରେ ସେ ପ୍ରଥମ ଭାରତୀୟ ଆଥ୍ଲେଟ୍ ହୋଇଛନ୍ତି। ଏହା ପୂର୍ବରୁ ବିଶାଳ ଗତବର୍ଷ ଚେନ୍ନାଇରେ ୪୫.୧୨ ସେକେଣ୍ଡ୍ ସମୟ ସହ ଜାତୀୟ ରେକର୍ଡ କରିଥିଲେ। ଏବେ ସେ ନିଜ ରେକର୍ଡରେ ସୁଧାର କରି ଭାରତୀୟ ଆଥ୍ଲେଟିକ୍ସକୁ ନୂଆ ଉଚ୍ଚତାରେ ପହଞ୍ଚାଇଛନ୍ତି। ବିଶାଳଙ୍କ ୪୪.୯୮ ସେକେଣ୍ଡ୍‌ର ସମୟ ଚଳିତ ସିଜନ୍‌ରେ ଏସିଆର ସର୍ବଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ହୋଇଛି। ସେ ଇରାକର ଅମ୍ମାର ଇସ୍ମାଇଲ୍ ଇବ୍ରାହିମ୍ (୪୫.୧୬ ସେ.)ଙ୍କୁ ପଛରେ ପକାଇଛନ୍ତି।

## ହ୍ୟାରୀ କେନ୍‌ଙ୍କ ହ୍ୟାଟ୍ରିକ୍, ବାୟର୍ନ ମ୍ୟୁନିକ୍ ଜିତିଲା ଜର୍ମାନ୍ କପ୍

ମ୍ୟୁନିକ୍,(ଏଜେନ୍ସି): ହ୍ୟାରୀ କେନ୍‌ଙ୍କ ଚମତ୍କାର ହ୍ୟାଟ୍ରିକ୍ ବଳରେ ବାୟର୍ନ ମ୍ୟୁନିକ୍ ଡିଏଫ୍‌ବି-ପୋକାଲ୍ (ଜର୍ମାନ୍ କପ୍) ଫାଇନାଲ୍‌ରେ ଷ୍ଟଟ୍‌ଗାର୍ଟକୁ ୩-୦ରେ ହରାଇ ଘରୋଇ ଡବଲ୍ ନିଜ ନାମରେ କରିଛି। ଏହି ବିଜୟ ସହିତ ବାୟର୍ନ ନିଜର ୨୧ତମ ଏବଂ ୨୦୨୦ ପରେ ପ୍ରଥମ ଜର୍ମାନ୍ କପ୍ ଟାଇଟଲ୍ ହାସଲ କରିଛନ୍ତି। ଏହା ପୂର୍ବରୁ ଟିମ୍ ଚଳିତ ସିଜନ୍‌ରେ ବୁନ୍ଦେସଲିଗାର ଟାଇଟଲ୍ ମଧ୍ୟ ଜିତିଥିଲା। କ୍ଲବ୍ ଗୋଟିଏ ସିଜନ୍‌ରେ ଉଭୟ ଲିଗ୍ ଓ କପ୍ ଟାଇଟଲ୍ ଜିତିବା ଏହା ୧୪ତମ ଘଟଣା।



ମ୍ୟାଚ୍ ଆରମ୍ଭରୁ ଷ୍ଟଟ୍‌ଗାର୍ଟ ଆଟାକିଂ ଖେଳ ଦେଖାଇ କେତେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ବାୟର୍ନ ଗୋଲ୍‌କିପର୍ ଏହା ସଫଳ ହେବାକୁ ଦେଇନଥିଲେ। ଅନ୍ୟପରେ ବାୟର୍ନ ଦୀର୍ଘ ସମୟ ବଲ୍ ନିଜ ପାଖରେ ରଖିଥିଲେ ମଧ୍ୟ ଲୟ ଗୋଲ୍ କରିବାରେ ବିଫଳ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ମ୍ୟାଚ୍‌ର ଟର୍ଣ୍ଣିଂ ପଏଣ୍ଟ ୫୫ତମ ମିନିଟ୍‌ରେ ଆସିଥିଲା। ମାଇକେଲ୍ ଓଲିସେଙ୍କ ଏକ ଚମତ୍କାର ପାସ୍‌ରେ ହ୍ୟାରୀ କେନ୍ ହେଡର୍ ଜରିଆରେ ଗୋଲ୍ ଦେଇ ବାୟର୍ନକୁ ଅଗ୍ରଣୀ କରାଇଥିଲେ। ୮୦ତମ ମିନିଟ୍‌ରେ ଲୁଇସ୍ ଡିୟାଜ୍‌ଙ୍କ ସହିତ ଉନ୍ନତ ତାଳମେଳ ଦେଖାଇ କେନ୍ ଦ୍ୱିତୀୟ ଗୋଲ୍ କରିଥିଲେ। ଇନ୍‌ଜୁରୀ ଟାଇମ୍‌ରେ ଷ୍ଟିଲର୍‌ଙ୍କ ହ୍ୟାଣ୍ଡ୍‌ବଲ୍ କାରଣରୁ ମିଳିଥିବା ପେନାଲ୍ଟିରେ ଗୋଲ୍ କରି କେନ୍ ନିଜର ହ୍ୟାଟ୍ରିକ୍ ପୂରା କରିବା ସହିତ ବାୟର୍ନକୁ ୬ ବର୍ଷ ପରେ ଟ୍ରଫି ଜତାଇଥିଲେ।

## ବାପା



ଆମ ପାଇଁ ସେ ପରାଣ ଦିଏ
କାନ୍ଧେ ବସାଇ ମେଳାକୁ ନିଏ
ସିଏ ଆମ ଠାକୁର,
ଯା' ହାତ ଧରି ଚାଲି ଶିଖିଲେ
ଯା' ଠାରୁ ଆମେ କଥା ସିଖିଲେ
ସିଏ ବାପା ଆମର ।
ବାପା କାନ୍ଧରେ ପକାଇଥାନ୍ତି
ଝାଳ ବୋହିଲେ ପୋଛି ଦିଅନ୍ତି
ନିତି ପଡ଼ଇ ଖୋଜା,
ଡାଉଆ ରଙ୍ଗ ଭାରି ସୁନ୍ଦର
ସୂତାରେ ଗଢ଼ା ହୁଏ ଆଦର
ବାପାଙ୍କ ଏ ଗାମୁଛା ।
ହାତରେ ଧରି ଶାସନ କରି
କଠୋର କଥା କୁହନ୍ତି ମାରି
ଆମ ପାଇଁ ତ ହିତ,
ପାହାର ବସେ ଦୃଷ୍ଟାମି କଲେ
ଚାଇଁ ଚାଇଁ ତା' କଷଣ ଭଲେ
ବାପାଙ୍କର ସେ ବେତ ।
ଆମକୁ ମାରି ଲୁଚି କାନ୍ଦନ୍ତି
ଶୋଇଲା ବେଳେ ଆଉଁସି ଥାନ୍ତି
ଆଖିରୁ ଝରେ ଝର,
ଖୁସିରେ ଝରେ ଦୁଃଖରେ ଝରେ
ଓଠ ଚାପିକି ନିଗାଡ଼ି ଧିରେ
ଲୁହ ବାପା ଆଖିର ।
ଖାଲି ପାଦରେ ଯାଆନ୍ତି ଚାଲି
ସବୁ କଥାକୁ ମନରୁ ଭୁଲି
କଣ୍ଟା ହେଉ କି ନିଆଁ,
ବରଷ ଯାକ ଖଣ୍ଡେ କପଡ଼ା
ନ ପଡ଼େ ତାଙ୍କ ନୂତନ ଲୋଡ଼ା
ଜୀବନ ମାଟି ଧୂଆଁ ।
ଆମ ଜୀବନ ସାକାର ପାଇଁ
ଝଡ଼ ବତାସ ମାନନ୍ତି ନାହିଁ
ଦେହ ପାଆ ନା ଡ଼ର,
ଭୋକରୁ ପେଟେ ନିଜେ ରୁହନ୍ତି
ଆମକୁ ଆଣି ଖୁଆଇ ଥାନ୍ତି
ଏହି ଦେବତା ମୋର ।
ଯେତେ ଭାଙ୍ଗିଲେ ଦାମୀ ଜିନିଷ
ତଥାପି ବାପା ମୋଡ଼ନ୍ତି ନିଶ
କୁହନ୍ତି ହଉ ହେଲା,
ଆଉ ଆଣିବି କାନ୍ଦନା ତୁହି
ଯେତେ ପଇସା ଲାଗୁରେ ସେହି
ବୋଉ ଯା' କହୁ ଭଲା ।
ଯେତେ ଲେଖିବି ବାପାଙ୍କ ପାଇଁ
ଅସରନ୍ତିର ଭଣ୍ଡାର ସେହି
ସରିବ କେତେ ଯୁଗ
ସେ ଥିବା ଯାଏଁ ମୁଁ ପରା ରାଜା
ତାଙ୍କରି ବିନା ମୁଁ ନୁହେଁ ଖୋଜା
ମୁଁ କେଉଁ ବନ ମୃଗ !

**ଅମରନାଥ ବାରିକ**
କୟାଁ, ମଙ୍ଗଳପୁର, ଯାଜପୁର
ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

# ଦୃଶ୍ୟମ୍ ୩ଃ ଅତୀତରୁ ମୁକ୍ତିର ଅନ୍ତିମ ଲଢ଼େଇ

ଏକ ଶାନ୍ତ, ସବୁଜିମାଭରା ଗାଁର ସକାଳ। ସୂର୍ଯ୍ୟଙ୍କ କିରଣ ଗଛପତ୍ର ଫାଙ୍କ ଦେଇ ଜର୍ଜକୁଟ୍ଟିଙ୍କ ଘର ଅଗଣାରେ ପଡୁଛି। ବାହାରକୁ ସବୁକିଛି ବେଶ୍ ସ୍ୱାଭାବିକ ଏବଂ ଶାନ୍ତ ମନେହେଉଛି, କିନ୍ତୁ ଏହି ଶାନ୍ତି ପଛରେ ଲୁଚି ରହିଛି ଏକ ଅଦୃଶ୍ୟ ବିଭୀଷିକା। 'ଦୃଶ୍ୟମ୍ ୨'ର ସେହି ଭୟଙ୍କର ଘଟଣାବଳୀକୁ ପ୍ରାୟ ପାଞ୍ଚ ବର୍ଷ ବିତିଯାଇଛି। ଜର୍ଜକୁଟ୍ଟି ଏବେ କେବଳ ଜଣେ କେବୁଲ୍ ଅପରେଟର କିମ୍ବା ସିନେମା ହଲର ମାଲିକ ହୋଇ ରହିନାହାନ୍ତି, ସେ ନିଜର ବହୁ ପ୍ରତୀକ୍ଷିତ ସ୍ୱପ୍ନକୁ ସାକାର କରି ଜଣେ ସଫଳ ଚଳଚ୍ଚିତ୍ର ପ୍ରଯୋଜକ ଭାବେ ନିଜକୁ ପ୍ରତିଷ୍ଠିତ କରିସାରିଛନ୍ତି। ତାଙ୍କର ସ୍ତ୍ରୀ ରାନୀ, ବଡ଼ ଝିଅ ଅଞ୍ଜୁ ଏବଂ ସାନ ଝିଅ ଅନୁଙ୍କ ଜୀବନ ବାହାରକୁ ଦେଖିଲେ ବେଶ୍ ଆନନ୍ଦଦାୟକ ଓ ସମୃଦ୍ଧ ମନେହୁଏ। ଘରର ଆର୍ଥିକ ସ୍ଥିତି ସୁଧୁରିଛି, ଜର୍ଜକୁଟ୍ଟିଙ୍କ ସାମାଜିକ ପ୍ରତିଷ୍ଠା ବଢ଼ିଛି, କିନ୍ତୁ ସେହି ଘରର ଚାରିକାନ୍ଥ ଭିତରେ ପ୍ରତି ମୁହୂର୍ତ୍ତରେ ଏକ ଅଜଣା ଭୟ ସମସ୍ତଙ୍କୁ ଗ୍ରାସ କରି ରଖିଛି। ବଡ଼ ଝିଅ ଅଞ୍ଜୁ ଏବେ ବି ସେହି ଅତୀତର ମାନସିକ ଆଘାତରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରିନାହିଁ। କୌଣସି ପୋଲିସ ଗାଡ଼ିର ସାଇରେନ୍ ଶବ୍ଦ କିମ୍ବା ଦୁଆରମୁହଁରେ କାହାର ଶକ୍ତ କରାଘାତ ତାକୁ ଆଜି ବି ଚମକାଇ ଦିଏ, ସେ ଭୟରେ ଶେତା ପଡ଼ିଯାଏ। ରାନୀ ପ୍ରତିଦିନ ଭଗବାନଙ୍କ ଆଗରେ ଦୀପ ଜାଳି କେବଳ ଗୋଟିଏ ଗୁହାରି କରେ, ଯେମିତି ସେହି ଅତୀତର କଳାଛାଇ ଆଉ କେବେ ତାଙ୍କ ପରିବାର ଉପରକୁ ନ ଆସୁ। ସାନ ଝିଅ ଅନୁ ଏବେ ବଡ଼ ହେଲାଣି, କଲେଜ ପଢ଼ିଲାଣି, କିନ୍ତୁ ତା' ମନରୁ ମଧ୍ୟ ସେହି ରାତିର ସ୍ମୃତି ସମ୍ପୂର୍ଣ୍ଣ ଭାବେ ଲିଭିନାହିଁ। ଏହି ସବୁ ଭିତରେ ଜର୍ଜକୁଟ୍ଟି ଜଣେ ସତର୍କ ପକ୍ଷୀ ଭଳି ନିଜ ପରିବାର ଚାରିପାଖରେ ସୁରକ୍ଷା ପ୍ରାଚୀର ସାଜି ଛିଡ଼ା ହୋଇଛନ୍ତି। ତାଙ୍କ ଆଖିରୁ ନିଦ ହଜିଯାଇଛି, ସେ ସିନା ଦୁନିଆ ଆଗରେ ହସୁଛନ୍ତି, କିନ୍ତୁ ଭିତରେ ଭିତରେ ସେ ପ୍ରତି କ୍ଷଣରେ ଆଗତ ଝଡ଼ର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛନ୍ତି। କାରଣ ଜର୍ଜକୁଟ୍ଟି ଭଲ ଭାବରେ ଜାଣନ୍ତି ଯେ ପୋଲିସ ବିଭାଗ ତାଙ୍କୁ ଛାଡ଼ିଦେଇଥିଲେ ବି ପୁରୁଣା କେସର ଫାଇଲ୍ ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ପୋଲିସ ମୁଖ୍ୟାଳୟର ଏକ ଅନ୍ଧାରୁଆ କୋଠରୀରେ ସେହି କେସର ଫାଇଲ୍ ଏବେ ପୁଣି ଥରେ ଖୋଲାଯାଇଛି ଏବଂ ଏଥର ଦାୟିତ୍ୱ ନେଇଛନ୍ତି ଜଣେ ଅତ୍ୟନ୍ତ ନିର୍ଦ୍ଦୟ, ଚତୁର ଏବଂ ଉଚ୍ଚାଭିଳାଷୀ ଆଇପିଏସ୍ ଅଫିସର, ଯିଏ ପୋଲିସ ବିଭାଗର ପୂର୍ବ ପରାଜୟର କଳଙ୍କକୁ ଧୋଇଦେବା ପାଇଁ ଶପଥ ନେଇଛନ୍ତି। ସେ ଜର୍ଜକୁଟ୍ଟିଙ୍କ ସିନେମା ପାଗଳାମି ଓ ତାଙ୍କ ଚିନ୍ତାଧାରାକୁ ଅତି ନିକଟରୁ ଅଧ୍ୟୟନ କରିବା ଆରମ୍ଭ କରିଛନ୍ତି, କାରଣ ସେ ବୁଝିସାରିଛନ୍ତି ଯେ ଏହି ମଣିଷଟିକୁ ସାଧାରଣ ଢଙ୍ଗରେ ଫସାଇବା ଅସମ୍ଭବ। ଏହି ସମୟରେ କାହାଣୀରେ ଏକ ବଡ଼ ଆବେଗିକ ମୋଡ଼ ଆସେ, ଯେତେବେଳେ ବରୁଣର




ବୃଦ୍ଧ ମାତାପିତା ପୁଣି ଥରେ ସେହି ସହରକୁ ଫେରିଆସନ୍ତି। ବରୁଣର ବାପା ପ୍ରଭାକରନ୍ ଏବେ ଶାରୀରିକ ଓ ମାନସିକ ସ୍ତରରେ ବେଶ୍ ଦୁର୍ବଳ ହୋଇପଡ଼ିଛନ୍ତି, ସେ କେବଳ ନିଜ ପୁତ୍ରର ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛନ୍ତି। କିନ୍ତୁ ବରୁଣର ମା' ଗୀତାଙ୍କ ଆଖିରେ ଏବେ ବି ସେହି ପ୍ରତିଶୋଧର ନିଆଁ ଜଳୁଛି। ସେ ନିଜ ପୁଅର ମୃତ୍ୟୁ ପାଇଁ ଜର୍ଜକୁଟ୍ଟିର ସମ୍ପୂର୍ଣ୍ଣ ପରିବାରକୁ ଧ୍ୱଂସ ହେବାର ଦେଖିବାକୁ ଚାହାନ୍ତି। ନୂଆ ପୋଲିସ ଅଫିସର ଏହି ଆବେଗକୁ ନିଜର ଅସ୍ତ୍ର ଭାବେ ବ୍ୟବହାର କରନ୍ତି। ସେ ଜର୍ଜକୁଟ୍ଟିର ପରିବାରକୁ ମାନସିକ ସ୍ତରରେ ଦୁର୍ବଳ କରି ଭାଙ୍ଗିଦେବା ପାଇଁ ଏକ ସୂକ୍ଷ୍ମ ମାନସିକ ରଣନୀତି ପ୍ରସ୍ତୁତ କରନ୍ତି। ପୋଲିସ ଏଥର ଜର୍ଜକୁଟ୍ଟିଙ୍କ ଉପରେ ସିଧାସଳଖ ଆକ୍ରମଣ ନକରି ତାଙ୍କ ଝିଅମାନଙ୍କ ଚାରିପାଖରେ ଏକ ଅଦୃଶ୍ୟ ଜାଲ ବିଛାଇବା ଆରମ୍ଭ କରେ। କଲେଜରେ ଅନୁର ଜଣେ ନୂଆ ବନ୍ଧୁ ସୃଷ୍ଟି ହୁଏ, ଯିଏ ପ୍ରକୃତରେ ପୋଲିସ ଦ୍ୱାରା ନିୟୋଜିତ ଜଣେ ଗୁପ୍ତଚର ଥିଲା। ସେହିପରି ଅଞ୍ଜୁର ମାନସିକ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ମଧ୍ୟ ପୋଲିସ ଚାପ ପ୍ରୟୋଗ କରେ, ଯେମିତି ଅଞ୍ଜୁ ଅଜାଣତରେ ତା'ର ସେହି ଭୟାବହ ଅତୀତର କୌଣସି ଗୁପ୍ତ କଥା ପ୍ରକାଶ କରିଦେବ। ଏସବୁ ସତ୍ତ୍ୱେ ଜର୍ଜକୁଟ୍ଟି ନିଜର ନୂଆ ଆଗାମୀ ସିନେମାର ପ୍ରସ୍ତୁତିରେ ସମ୍ପୂର୍ଣ୍ଣ ବ୍ୟସ୍ତ ଥିବା ଭଳି ଅଭିନୟ କରନ୍ତି। ସେ ଦିନରାତି ପ୍ରସିଦ୍ଧ ପୋଲିସ କେସ୍, କୋର୍ଟର ନିଷ୍ପତ୍ତି ଏବଂ ଆଇନର ଗଳାବାଟ ବିଷୟରେ ପଢୁଥାନ୍ତି ଏବଂ ଏକ ନୂଆ ସ୍କ୍ରିପ୍ଟ ଲେଖୁଥାନ୍ତି। ପୋଲିସ ବିଭାଗ ଭାବୁଥାଏ ଯେ ଜର୍ଜକୁଟ୍ଟି ନିଜର ପୂର୍ବ ପାପକୁ ଲୁଚାଇବା ପାଇଁ ପୁଣି ଥରେ ଚଳଚ୍ଚିତ୍ର କାହାଣୀର ସାହାରା ନେଉଛନ୍ତି, ତେଣୁ ସେମାନେ ତାଙ୍କର ପ୍ରତିଟି ପଦକ୍ଷେପ ଉପରେ ନଜର ରଖନ୍ତି। ଦିନେ ପୋଲିସ ହାତରେ ଏକ ଏପରି ପୁରୁଣା ସାକ୍ଷୀ ଲାଗେ, ଯିଏ ସେହି ରିଲିଜ୍ ରାତିରେ ଜର୍ଜକୁଟ୍ଟିଙ୍କୁ ଥାନା ପଛପାଖରେ ଦେଖିଥିବା ଦାବି କରେ। ଏହା ସହିତ କିଛି ବୈଜ୍ଞାନିକ ପ୍ରମାଣ ଏବଂ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରି ପୋଲିସ ଏକ ଚମତ୍କାର ଜାଲ ପ୍ରସ୍ତୁତ କରେ, ଯେଉଁଥିରେ ଆଇନର ସମସ୍ତ ଗଳାବାଟ ବନ୍ଦ ଥିବା ମନେହୁଏ। ଏକ ନାଟକୀୟ ପରିସ୍ଥିତିରେ, ସାରା ଗାଁ ଆଗରେ ଜର୍ଜକୁଟ୍ଟିଙ୍କୁ ପୋଲିସ ଗିରଫ କରେ। ରାନୀ ଏବଂ ଝିଅମାନେ କାନ୍ଦି କାନ୍ଦି ଭାଙ୍ଗିପଡ଼ନ୍ତି, କିନ୍ତୁ ଜର୍ଜକୁଟ୍ଟିଙ୍କ ଆଖିରେ କୌଣସି ଭୟ ନଥିଲା, ଥିଲା କେବଳ ଏକ ଗଭୀର ରହସ୍ୟମୟ ଶାନ୍ତି। ଚଳଚ୍ଚିତ୍ରର ଦ୍ୱିତୀୟାର୍ଦ୍ଧ ଏକ ଅତ୍ୟନ୍ତ ରୋମାଞ୍ଚକର କୋର୍ଟରୁମ୍ ଡ୍ରାମାରେ ପରିଣତ ହୁଏ। ସରକାରୀ ଓକିଲ ଏବଂ ଆଇଜି ମୁରଲୀ ଗୋପୀ କୋର୍ଟରେ ଏପରି ସବୁ ପ୍ରମାଣ ଉପସ୍ଥାପନ କରନ୍ତି, ଯାହା ଦେଖିଲେ ମନେହୁଏ ଜର୍ଜକୁଟ୍ଟିଙ୍କ ପାଇଁ ଏଥର ଜେଲ୍ ଯିବା ସୁନିଶ୍ଚିତ। ପରିବାରର ସମସ୍ତ ସଦସ୍ୟଙ୍କୁ କୋର୍ଟ କଟକଣା ଭିତରେ ପୃଥକ ପୃଥକ ଭାବେ କଠୋର ଜେରା କରାଯାଏ। ଓକିଲମାନଙ୍କ ଗୋଟିଏ ପରେ ଗୋଟିଏ ତୀକ୍ଷ୍ଣ ପ୍ରଶ୍ନ ରାନୀ ଓ ଅଞ୍ଜୁଙ୍କୁ ମାନସିକ ସ୍ତରରେ ଦୋହଲାଇ ଦିଏ। କିନ୍ତୁ ପୋଲିସ କଳ୍ପନା ସୁଦ୍ଧା କରିନଥିଲା ଯେ ଜର୍ଜକୁଟ୍ଟିଙ୍କ ଏହି ପାଞ୍ଚ ବର୍ଷର ନୀରବତା ପ୍ରକୃତରେ ଏକ ମହାପ୍ଲାବନର ପ୍ରସ୍ତୁତି ଥିଲା। ସେ ଜାଣିଶୁଣି ପୋଲିସକୁ ସେହି ସବୁ ପ୍ରମାଣ ସଂଗ୍ରହ କରିବାର ସୁଯୋଗ ଦେଇଥିଲେ, ଯାହାକୁ ପୋଲିସ ନିଜର ସଫଳତା ଭାବୁଥିଲା। ଜର୍ଜକୁଟ୍ଟିଙ୍କ ଓକିଲ କୋର୍ଟରେ ଏପରି କିଛି ନୂଆ ଦଲିଲ ଏବଂ ଚଳଚ୍ଚିତ୍ରର ସ୍କ୍ରିପ୍ଟ ପଞ୍ଜୀକରଣ ତାରିଖ ଉପସ୍ଥାପନ କରନ୍ତି, ଯାହା ପୋଲିସର ସମସ୍ତ ପ୍ରମାଣକୁ କେବଳ ଏକ କାଳ୍ପନିକ ଗପ ବୋଲି ପ୍ରମାଣିତ କରିଦିଏ। ଜର୍ଜକୁଟ୍ଟି ଦର୍ଶାଇ ଦିଅନ୍ତି ଯେ ପୋଲିସ ତାଙ୍କୁ ଫସାଇବା ପାଇଁ ଯେଉଁ ସବୁ ସାକ୍ଷୀ ପ୍ରସ୍ତୁତ କରିଥିଲା, ସେଗୁଡ଼ିକ ପ୍ରକୃତରେ ପୂର୍ବ ନିର୍ଦ୍ଧାରିତ ଥିଲେ। କ୍ଲାଇମାକ୍ସ ସେତେବେଳେ ଚରମ ସୀମାରେ ପହଞ୍ଚେ, ଯେତେବେଳେ କୋର୍ଟରେ ସେହି କଙ୍କାଳର ଡିଏନ୍ଏ ରିପୋର୍ଟ ଆସେ। ଜର୍ଜକୁଟ୍ଟି ପୁଣି ଥରେ ଟେକ୍ନୋଲୋଜି ଓ ଚତୁରତାର ଏପରି ଏକ ମହାଜାଲ ସୃଷ୍ଟି କରିଥିଲେ, ଯେଉଁଥିରେ ସେହି ଅସ୍ଥି ବରୁଣର ନୁହେଁ ବୋଲି ଚିକିତ୍ସା ବିଜ୍ଞାନ ପ୍ରମାଣ କରିଦିଏ। ପୋଲିସ ବିଭାଗ କୋର୍ଟ କକ୍ଷରେ ସ୍ତବ୍ଧ ହୋଇ ରହିଯାଏ ଏବଂ ମାନ୍ୟବର ବିଚାରପତି ପ୍ରମାଣ ଅଭାବରୁ ଜର୍ଜକୁଟ୍ଟିଙ୍କୁ ସସମ୍ମାନ ଖଲାସ କରନ୍ତି। କିନ୍ତୁ କାହାଣୀ ଏତିକିରେ ଶେଷ ହୁଏନାହିଁ। କୋର୍ଟରୁ ମୁକ୍ତ ହେବା ପରେ, ସେହି କାଳରାତିରେ, ଜର୍ଜକୁଟ୍ଟି ଅତି ଗୁପ୍ତରେ ଏକ ଶ୍ମଶାନ କିମ୍ବା ଆଶ୍ରମ ପରିସରରେ ବରୁଣର ବୃଦ୍ଧ ବାପା ପ୍ରଭାକରନ୍ ଏବଂ ମା' ଗୀତାଙ୍କୁ ଭେଟନ୍ତି। ସେଠାରେ ସେ ସେମାନଙ୍କ ହାତରେ ଏକ ପାତ୍ର ବଢ଼ାଇ ଦିଅନ୍ତି, ଯେଉଁଥିରେ ବରୁଣର ପ୍ରକୃତ ଚିତାଭସ୍ମ ଥିଲା। ଜର୍ଜକୁଟ୍ଟି ଆଖିରେ ଲୁହ ଭରି ସେମାନଙ୍କ ପାଦ ଛୁଇଁ କ୍ଷମା ମାଗନ୍ତି ଏବଂ କୁହନ୍ତି ଯେ ଜଣେ ବାପା ହିସାବରେ ନିଜ ପରିବାରକୁ ବଞ୍ଚାଇବା ପାଇଁ ସେ ବାଧ୍ୟ ହୋଇଥିଲେ, କିନ୍ତୁ ଜଣେ ମଣିଷ ହିସାବରେ ସେ କେବେ ଚାହୁଁନଥିଲେ ଯେ ଜଣେ ପିତାମାତା ନିଜ ସନ୍ତାନର ଶେଷ ସଂସ୍କାରରୁ ବଞ୍ଚିତ ହୁଅନ୍ତୁ। ସେମାନଙ୍କୁ ସେହି ଅସ୍ଥିଭସ୍ମ ପ୍ରଦାନ କରି ସେ ସେମାନଙ୍କୁ ପବିତ୍ର ନଦୀରେ ବିସର୍ଜନ କରି ପୁଅର ଆତ୍ମାର ସଦ୍‌ଗତି କରିବାକୁ ଅନୁରୋଧ କରନ୍ତି। ଗୀତା ଏବଂ ପ୍ରଭାକରନ୍ ଜର୍ଜକୁଟ୍ଟିଙ୍କ ଏହି ଚରମ ସତ୍ୟ, ଆବେଗ ଏବଂ ମାନବିକତା ଆଗରେ ନିଜକୁ ହାରିଯାଇଥିବା ଅନୁଭବ କରନ୍ତି, ସେମାନଙ୍କ ପ୍ରତିଶୋଧର ନିଆଁ ଆଖିର ଲୁହରେ ଧୋଇଯାଏ। ଜର୍ଜକୁଟ୍ଟି କେବଳ ଆଇନ ଆଗରେ ନୁହେଁ, ବରୁଣର ପରିବାର ଆଗରେ ମଧ୍ୟ ସେମାନଙ୍କ ମନ ଜିତି ଏକ ଆଧ୍ୟାତ୍ମିକ ଓ ମାନସିକ ମୁକ୍ତି ହାସଲ କରନ୍ତି। ସୁପରଷ୍ଟାର ମୋହନଲାଲଙ୍କ ବହୁ ପ୍ରତୀକ୍ଷିତ ମାଲାୟଲମ ଥ୍ରୀଲର ସିକ୍ୱେଲ 'ଦୃଶ୍ୟମ୍ ୩' ବକ୍ସ ଅଫିସରେ ଏକ ଚମତ୍କାର ଓପନିଂ କରିଛି। ଗତ ୨୧ ତାରିଖ ଦିନ ଏହି ଚଳଚ୍ଚିତ୍ରଟି ମାଲାୟଲମ, ତାମିଲ, ତେଲୁଗୁ ଏବଂ କନ୍ନଡ ସମେତ ବିଭିନ୍ନ ଭାଷାରେ ସିନେମା ହଲରେ ମୁକ୍ତିଲାଭ କରିଛି। ଆଡଭାନ୍ସ ବୁକିଂ ଆରମ୍ଭ ହେବା ପରଠାରୁ ହିଁ ଏହି ଫ୍ରାଞ୍ଚାଇଜକୁ ନେଇ ଦର୍ଶକଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଚାଲିଥିଲା, ଯାହା ରିଲିଜ୍ ଦିନ ହାଉସଫୁଲ୍ ମର୍ଣ୍ଣିଂ ଶୋ' ଏବଂ ସୋସିଆଲ ମିଡିଆରେ ଟ୍ରେଣ୍ଡିଂ ହ୍ୟାସଟ୍ୟାଗ୍‌ରୁ ସ୍ପଷ୍ଟ ଜଣାପଡୁଛି। ବିଶେଷ କଥା ହେଉଛି, ମେ ୨୧ ତାରିଖ ଅଭିନେତା ମୋହନଲାଲଙ୍କ ପାଇଁ ଏକ ଅତ୍ୟନ୍ତ ସ୍ପେଶାଲ ଦିନ ଥିଲା। ପଦ୍ମଶ୍ରୀ ସମ୍ମାନିତ ଏହି ଅଭିନେତା ଏହି ଦିନ ନିଜର ୬୬ତମ ଜନ୍ମଦିନ ପାଳନ କରୁଥିବା ବେଳେ ତାଙ୍କର ଏହି ବଡ଼ ଫିଲ୍ମ ପରଦାକୁ ଆସିଛି। ପ୍ରଥମ ଦିନରୁ ହିଁ ଏହା ପ୍ରଶଂସକଙ୍କ ମନ ଜିତିବା ସହ ମୋଟା ଅଙ୍କର ବ୍ୟବସାୟ କରିବାରେ ସଫଳ ହୋଇଛି। ଟ୍ରେଡ୍ ଆନାଲିଷ୍ଟ 'ସାକନିକ'ଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ, 'ଦୃଶ୍ୟମ୍ ୩' ବକ୍ସ ଅଫିସରେ ଏକ ଚମତ୍କାର ପଦାର୍ପଣ କରି ପ୍ରଥମ ଦିନରେ ସାରା ଦେଶରେ ୫,୫୦୬ଟି ଶୋ'ରୁ ଭାରତରେ ପ୍ରାୟ ୧୮.୫୦ କୋଟି ଟଙ୍କା ଆୟ କରିଛି, ଯେଉଁଥିରେ କେବଳ କେରଳରୁ ପ୍ରାୟ ୧୧ କୋଟି ଟଙ୍କା ସଂଗ୍ରହ ହୋଇଛି। ଏହା ସହିତ ବିଦେଶୀ ବଜାରଗୁଡ଼ିକ ଏକ ବିଶାଳ ୩୦ କୋଟି ଟଙ୍କାର ଆନୁମାନିକ ଅବଦାନ ଦେଇଥିଲେ, ଯାହା ଫଳରେ ସାରା ବିଶ୍ୱରେ ମୋଟ ଓପନିଂ ଗ୍ରସ ପ୍ରାୟ ୪୮ କୋଟି ଟଙ୍କାରେ ପହଞ୍ଚିଛି। ଉପସାଗରୀୟ ଅଞ୍ଚଳ, ଉତ୍ତର ଆମେରିକା, ୟୁକେ ଏବଂ ଅଷ୍ଟ୍ରେଲିଆରେ ଫିଲ୍ମଟି ଅସାଧାରଣ ସଂଖ୍ୟା ପ୍ରଦାନ କରିଛି, ଯାହା ଫ୍ରାଞ୍ଚାଇଜର ବିଶାଳ ଆନ୍ତର୍ଜାତୀୟ ଆକର୍ଷଣକୁ ପ୍ରମାଣିତ କରୁଛି। ସମଗ୍ର ବିଶ୍ୱବ୍ୟାପୀ ଆକଳନକୁ ଦେଖିଲେ ମୋହନଲାଲ ଅଭିନୀତ ଏହି ଫିଲ୍ମଟି ପ୍ରଥମ ଦିନରେ ୪୫ କୋଟିରୁ ଅଧିକ ଆୟ କରିବାରେ ସଫଳ ହୋଇଛି। ଜିତୁ ଜୋସେଫଙ୍କ ନିର୍ଦ୍ଦେଶିତ ଏହି ବହୁ ପ୍ରତୀକ୍ଷିତ ଥ୍ରୀଲର ସିକ୍ୱେଲ ଫ୍ରାଞ୍ଚାଇଜର ଚମତ୍କାର ଐତିହ୍ୟକୁ ଜାରି ରଖି ଏକ ମାଲାୟଲମ ଫିଲ୍ମ ପାଇଁ ଦ୍ୱିତୀୟ ସର୍ବବୃହତ ଓପନିଂ ଭାବରେ ପରିଣତ ହୋଇଛି। ରିଲିଜ୍ ପୂର୍ବରୁ ଆଡଭାନ୍ସ ବୁକିଂ ମାଧ୍ୟମରେ ଫିଲ୍ମଟି ଐତିହାସିକ ଗତି ସୃଷ୍ଟି କରିସାରିଥିଲା, ଯେଉଁଠି ସାରା ବିଶ୍ୱରେ ପ୍ରଥମ ଦିନର ପ୍ରି-ସେଲ୍ ୩୫ କୋଟି ଟଙ୍କା ଅତିକ୍ରମ କରିଥିଲା ଏବଂ କେବଳ କେରଳରୁ ୮ କୋଟି ଟଙ୍କାରୁ ଅଧିକ ଆଗୁଆ ବ୍ୟବସାୟ ହୋଇଥିଲା। କିଛି ମିଶ୍ରିତ ପ୍ରତିକ୍ରିୟା ସତ୍ତ୍ୱେ, ଦୃଶ୍ୟମ୍ ୩ ଏବେ ଏକ ବିଶାଳ ଓପନିଂ ସପ୍ତାହ ଆଡକୁ ଅଗ୍ରସର ହେଉଛି, ଯଦି ଏହି ଗତି ଜାରି ରହେ ତେବେ ଏହା ଖୁବ୍ ଶୀଘ୍ର ୧୫୦ କୋଟି ପାଖାପାଖି ବ୍ୟବସାୟ କରିପାରେ।

# ପରଦାକୁ ଆସିଲା ସ୍ୱାତିକ ମିଶ୍ରଙ୍କ 'ପରିଚୟ'

ଓଡ଼ିଶାର ସିନେମା ଜଗତରେ ଏକ ଭିନ୍ନ ସ୍ୱାଦର ଏବଂ ହୃଦୟସ୍ପର୍ଶୀ ଚଳଚ୍ଚିତ୍ର 'ପରିଚୟ' ପ୍ରେକ୍ଷାଳୟକୁ ଆସିଛି, ଯାହାର କାହାଣୀ ମଣିଷର ଜନ୍ମ, କର୍ମ ଏବଂ ସାମାଜିକ ସଂଘର୍ଷର ଏକ ନିଛକ ଚିତ୍ର ଉପସ୍ଥାପନ କରେ। ଭୁବନେଶ୍ୱରର ପ୍ରସିଦ୍ଧ ଶ୍ରୀୟା ହଲରେ ଏହାର ଭବ୍ୟ ପ୍ରିମିୟର ହୋଇଥିବା ବେଳେ ଏହି ଚଳଚ୍ଚିତ୍ରଟି କେବଳ ଏକ ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ପଛରେ ରହିଛି ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ସ୍ୱାତିକ ମିଶ୍ରଙ୍କ ଚାରି ବର୍ଷର ଅକ୍ଲାନ୍ତ ପରିଶ୍ରମ ଓ ଜୀବନର ସଂଘର୍ଷ। କର୍କଟ (କ୍ୟାନ୍ସର) ଭଳି ଏକ ମାରାତ୍ମକ ରୋଗ ସହ ଦୃଢ଼ତାର ସହ ଲଢ଼ି ମୃତ୍ୟୁର ଦୋଛକିରୁ ଫେରିବା ପରେ ସ୍ୱାତିକଙ୍କ ପାଇଁ ଏହି ଚଳଚ୍ଚିତ୍ରକୁ ମୁକ୍ତିଲାଭ କରାଇବା ଏକ ବଡ଼ ସଫଳତା ଥିଲା, ଯାହାକୁ ତାଙ୍କ ପତ୍ନୀ ଶତରୁପା ତାଙ୍କ ଜୀବନର ଏକ ଅମୂଲ୍ୟ ଅଂଶ ବୋଲି ଅଭିହିତ କରିଛନ୍ତି। ସ୍ୱାତିକ ପ୍ରଡକ୍ସନର 'ଶତରୁପା ମୁଭିଜ୍' ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ, ପ୍ରଯୋଜନା ଓ ନିର୍ଦ୍ଦେଶନା ସ୍ୱୟଂ ସ୍ୱାତିକ ମିଶ୍ର ଦେଇଥିବା ବେଳେ ଏଥିରେ ସେ ନିଜେ ମୁଖ୍ୟ ଚରିତ୍ରରେ ଅଭିନୟ ମଧ୍ୟ କରିଛନ୍ତି। ସିନେମାର ସଂଳାପକୁ ହୃଦାନନ୍ଦ ଅତି ଜୀବନ୍ତ ଭାବେ ରଚନା କରିଛନ୍ତି ଏବଂ ବିଭୁପ୍ରସାଦଙ୍କ ଚିତ୍ରତୋଳନ ପ୍ରତିଟି ଦୃଶ୍ୟକୁ ଚମତ୍କାର ଭାବେ ପରଦାରେ ସଜାଇଛି। ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କ ସୁମଧୁର ସ୍ୱର ସଂଯୋଜନା ଏବଂ ଗୀତିକାର ଅରୁଣ ମନ୍ତ୍ରୀଙ୍କ ଭାବପୂର୍ଣ୍ଣ ଗୀତଗୁଡ଼ିକୁ ଶଶାଙ୍କ, ଶରତ ନାୟକ, ସତ୍ୟଜିତ, ଅର୍ପିତ ଓ ଅନ୍ତରାଙ୍କ ଭଳି ପ୍ରତିଭାବାନ କଣ୍ଠଶିଳ୍ପୀମାନେ ନିଜ ସ୍ୱରରେ ସଜେଇଛନ୍ତି, ଯାହା ଫ୍ୟାମିଲି ଡ୍ରାମା ଓ ଲଭ୍ ଇମୋସନ୍‌କୁ ଆହୁରି ଗଭୀର କରିଛି।

ଫିଲ୍ମର ମୂଳ କାହାଣୀ ଏକ ଅନାଥ ଶିଶୁର ଜୀବନକୁ ନେଇ ଗତିଶୀଳ ହୋଇଛି, ଯାହାର ସଂସାରରେ ନିଜର ବୋଲି କହିବାକୁ କେହି ନଥାନ୍ତି ଏବଂ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ପାଇଁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରେ। କାହାଣୀରେ ଏକ ବଡ଼ ମୋଡ଼ ଆସେ ଯେତେବେଳେ ସେହି ଅନାଥ ଶିଶୁଟିକୁ ଏକ ପରିବାର ଆପଣେଇନିଏ ଏବଂ ତାକୁ ଏକ ନୂଆ ପରିଚୟ ଦେବାକୁ ଚେଷ୍ଟା କରେ। ଏଭଳି ଏକ ସମ୍ବେଦନଶୀଳ ସମାଜରେ ରହିବା ସତ୍ତ୍ୱେ କେମିତି ଏକ ନିରୀହ ଶିଶୁ ନିଜର ସାଧାରଣ ସ୍ୱୀକୃତି ପାଇଁ ସଂଘର୍ଷ କରି ଜୀବନ ହାରୁଛି, ତାହା ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ କନ୍ଦାଇବା ସହ ଭାବବିହ୍ୱଳ କରିଛି। ମୁଖ୍ୟ ଭୂମିକାରେ ସ୍ୱାତିକଙ୍କ ଚମତ୍କାର ଅଭିନୟ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସ୍ମିତା ମହାନ୍ତି, ସୌମ୍ୟ ଭୌମିକ, ଆୟୁସ୍ମାନ, ଜନ୍ମେଷ, ଅଗ୍ନେଶ, ବିଭାସ, ଶ୍ରେୟା ଏବଂ ଅର୍ପିତା ସୁନ୍ଦର ଅଭିନୟ କରି କାହାଣୀକୁ ଜୀବନ୍ତ କରିଛନ୍ତି, ଯାହା ପ୍ରଥମ ଦିନରୁ ହିଁ ଓଡ଼ିଶାର ଦର୍ଶକଙ୍କ ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିପାରିଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ